# ମଡ୍ୟୁଲ – ୫
# ମୁଦ୍ରା, ବ୍ୟାଙ୍କ ଓ ବୀମା


୧୪. ମୁଦ୍ରା ଓ ଏହାର ଭୂମିକା

୧୫. ବ୍ୟାଙ୍କ ଓ ଋଣ

୧୬. ସଞ୍ଚୟ ଏବଂ ବୀମା

# ୧୪
# ମୁଦ୍ରା ଓ ଏହାର ଭୂମିକା

ଟିପ୍ପଣୀ

ମୁଦ୍ରା ଶବ୍ଦ ଆମ ଭିତରେ ବିଶେଷ କୌତୁହଳ ସୃଷ୍ଟି କରିଥାଏ । ଆମର ଦୈନନ୍ଦିନ ବ୍ୟସ୍ତ ଜୀବନରେ ମୁଦ୍ରାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ବିଭିନ୍ନ ପ୍ରକାର ଦ୍ରବ୍ୟର ଅଭାବ ପୂରଣ ପାଇଁ ଆମ୍ଭେମାନେ ମୁଦ୍ରା ଦରକାର କରୁ । ସେହିଭଳି ଭାବରେ ଆମେ ବିଭିନ ପ୍ରକାରର ସେବା ଯଥା ପରିବହନ, ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ, ଗୃହସାମଗ୍ରୀ ଆଉ ଅନ୍ୟାନ୍ୟ ନିମନ୍ତେ ଆମେ ମୁଦ୍ରାର ସାହାଯ୍ୟ ନେଉ । ଜିନିଷପତ୍ର କିଣିବା ପାଇଁ ହେଲେ ଆମେ କ୍ରେତା ହୋଇ ମୁଦ୍ରା ଦେଉ ଓ ଜିନିଷପତ୍ର ବିକ୍ରି କରିବା ପାଇଁ ହେଲେ ଆମେ ବିକ୍ରେତା ହୋଇ ମୁଦ୍ରା ନେଉ । ସାଧାରଣତଃ ଆମେ କ୍ରୟ ବିକ୍ରୟ ଓ ପାଉଣା ପରିଶୋଧ ପାଇଁ କାଗଜ ଓ ଧାତବ ମୁଦ୍ରାରେ ପରିଚାଳନ କରୁ । କିନ୍ତୁ ତୁମେମାନେ ଜାଣିଛ ଆଦିମ ସମାଜରେ ଲୋକମାନେ ଦ୍ରବ୍ୟ ପାଇଁ ଦ୍ରବ୍ୟ ହିଁ ବିନିମୟ କରୁଥିଲେ । ଏହାକୁ ପଣ୍ୟ ବିନିମୟ ବ୍ୟବସ୍ଥା (Barter System) କୁହାଯାଏ । କାଳକ୍ରମେ ଏହି ପଣ୍ୟ ବ୍ୟବସ୍ଥାକୁ ପରିସ୍ଥାପନ କରି ମୁଦ୍ରା ବ୍ୟବସ୍ଥା ପରିଚାଳିତ ହେଲା କାହିଁକି ? ଏହା ସବୁ ଜାଣିବା ପାଇଁ ଆମେ ଏହି ବିଷୟଟି ପଢ଼ିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ଶେଷରେ ତୁମେ ବୁଝିପାରିବ

- ପଣ୍ୟ ବିନିମୟ ବ୍ୟବସ୍ଥା ବିଷୟରେ ବୁଝିପାରିବ ;
- ଅନୁଭବ କରିପାରିବ ସମାଜରେ ମୁଦ୍ରାର ଉପଯୋଗିତା ;
- ମୁଦ୍ରାର କାର୍ଯ୍ୟାବଳୀ ବ୍ୟାଖ୍ୟା କରିପାରିବ ଏବଂ
- ମୁଦ୍ରାର ପ୍ରକାର ଯଥା କାଗଜ ଓ ଧାତବ ମୁଦ୍ରା ବିଷୟରେ ଜାଣିବ ।

## ୧୪.୧ ପଣ୍ୟ ବିନିମୟ ବ୍ୟବସ୍ଥା

ଅତୀତରେ ଯେଉଁ ସରଳ ଓ ଅତି ଆଦିମ ସମାଜ ଥିଲା, ସେଥିରେ ମାନବର ଅଭାବ ସ୍ୱଳ୍ପ ଓ ବିନିମୟ ସୀମିତ ଥିଲା । ସମୟର ପରିବର୍ତ୍ତନ ସହ ମାନବୀୟ ଅଭାବର ପରିମାଣାତ୍ମକ ଓ ଗୁଣାତ୍ମକ ପରିବର୍ତ୍ତନ ହେଲା । ସେଥିପାଇଁ ପରସ୍ପର ଭିତରେ ଦ୍ରବ୍ୟ ପାଇଁ ଦ୍ରବ୍ୟର ବିନିମୟ ଆରମ୍ଭ ହେଲା । ପଣ୍ୟ ବିନିମୟ ବ୍ୟବସ୍ଥା ଅର୍ଥ କ'ଣ ? ଦ୍ରବ୍ୟ ଓ ସେବା ପାଇଁ ଦ୍ରବ୍ୟ ଓ ସେବାର ଏହି ପ୍ରତ୍ୟକ୍ଷ ବିନିମୟକୁ ପଣ୍ୟ ବିନିମୟ ବ୍ୟବସ୍ଥା କୁହାଯାଏ । ଏହି ବ୍ୟବସ୍ଥାରେ ମୁଦ୍ରାକୁ କୌଣସି ଭାବେ ସମ୍ପୃକ୍ତ କରାଯାଇନଥିଲା । ଯେତେବେଳେ ବିନା ମୁଦ୍ରା ସାହାଯ୍ୟରେ ଏକ ଦ୍ରବ୍ୟ ପାଇଁ

ଟିପ୍ପଣୀ

ଅନ୍ୟ ଏକ ଦ୍ରବ୍ୟ ବିନିମୟ କରାଯାଏ । ଏହାକୁ ପଣ୍ୟ ବିନିମୟ କାର୍ଯ୍ୟ କୁହାଯାଏ । ଏହା ପ୍ରାଚୀନ ସଭ୍ୟତାରେ ପ୍ରଚଳିତ ହେଉଥିଲା ।

ପଣ୍ୟ ବିନିମୟ ବ୍ୟବସ୍ଥାର କିଛି ଉଦାହରଣ ନିମ୍ନରେ ଦିଆଯାଇଛି ।

(କ) ପୂର୍ବକାଳରେ ୟୁରୋପର ବ୍ୟବସାୟୀମାନେ ତାଙ୍କ ଜିନିଷ ଯେପରିକି ସୁଗନ୍ଧ ଓ ରେଶମ ବଦଳରେ ପଶୁଲୋମ ଓ ହସ୍ତଶିଳ୍ପ ଦ୍ରବ୍ୟଗୁଡ଼ିକ ବିଶ୍ୱର ପଶ୍ଚିମ ଅଞ୍ଚଳର ବ୍ୟବସାୟୀଙ୍କଠାରୁ ଆଣୁଥିଲେ ।

(ଖ) ଏପରିକି ଭାରତର କେତେ ଆଦିବାସୀ ସମ୍ପ୍ରଦାୟର ପରିବାର ଲୋକେ ନିଜ ପାରିଶ୍ରମିକ ବିନିମୟରେ ଖାଦ୍ୟ ପଦାର୍ଥ ଓ ଅନ୍ୟ ଶ୍ରମିକ ସେବା ନେଉଥିଲେ । ଉଦାହରଣ ସ୍ୱରୂପ ଶସ୍ୟ ଅମଳ ସମୟରେ ଏକ ପରିବାର ଅନ୍ୟ ଶ୍ରମିକଙ୍କ ସେବା ଲୋଡ଼ିଥାଏ । ଅନ୍ୟ ଶ୍ରମିକଟି ସେହି ଉଦ୍ଦେଶ୍ୟରେ ସାହାଯ୍ୟ କରିଥାଏ ଯେ ଭବିଷ୍ୟତରେ ତା ନିଜର ଶସ୍ୟ ଅମଳ ସମୟରେ ଉକ୍ତ ପରିବାର ଲୋକ ସେବା ଦେବେ । ଭାରତର କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରତ୍ୟକ୍ଷ ଦ୍ରବ୍ୟ ବିନିମୟ ଦେଖିବାକୁ ମିଳିଥାଏ ।

(ଗ) ବିଭିନ୍ନ ବୃତ୍ତିରେ ଥିବା ଲୋକମାନେ, ଯେପରିକି କୃଷକମାନେ, ମୋଚି, ବଢ଼େଇ, କଳାକାର ଓ ଅନ୍ୟାନ୍ୟ ତାଙ୍କର ଉତ୍ପାଦ ଓ ସେବା ପରସ୍ପର ଭିତରେ ବିନିମୟ କରିଥାଆନ୍ତି ।

## ପାଠଗତ ପ୍ରଶ୍ନାବଳୀ ୧୪.୧

୧. ପଣ୍ୟ ବିନିମୟ ବ୍ୟବସ୍ଥାର ସଂଜ୍ଞା ବ୍ୟାଖ୍ୟା କର ?

୨. ପଣ୍ୟ ବିନିମୟ ବ୍ୟବସ୍ଥାର ଯେ କୌଣସି ଦୁଇଟି ଉଦାହରଣ ଦିଅ ?

## ୧୪.୨ ମୁଦ୍ରାର ଆବଶ୍ୟକତା

ଉପରୋକ୍ତ ବର୍ଣ୍ଣନା କରାଯାଇଥିବା ପଣ୍ୟ ବିନିମୟ ବ୍ୟବସ୍ଥା ସାଧାରଣତଃ ଆଜିକାଲି ପ୍ରଚଳିତ ନୁହେଁ । ଆଜିକାଲି ଯୁଗରେ କେହି ବି ଦ୍ରବ୍ୟ ପାଇଁ ଦ୍ରବ୍ୟର ବିନିମୟ କରୁନାହାନ୍ତି । ସମସ୍ତେ ଦ୍ରବ୍ୟ ଓ ସେବାର କିଣାବିକା ନିମନ୍ତେ ମୁଦ୍ରା ବ୍ୟବହାର କରୁଛନ୍ତି । ତେଣୁ ପ୍ରଶ୍ନ ଉଠେ ? ପଣ୍ୟ ବିନିମୟ ବ୍ୟବସ୍ଥା ଆଜିକାଲି କାହିଁକି ପ୍ରଚଳିତ ହେଉ ନାହିଁ ? କ'ଣ ପାଇଁ ମୁଦ୍ରାର ଆବଶ୍ୟକତା ହେଲା ? ଏହାର ଉତ୍ତର ହେଉଛି ପଣ୍ୟ ବିନିମୟ ବ୍ୟବସ୍ଥାର ଅସୁବିଧା ଯାହାକି ନିମ୍ନରେ ବର୍ଣ୍ଣନା କରାଯାଇଛି ।

### ୧୪.୨.୧ ପଣ୍ୟ ବିନିମୟ ବ୍ୟବସ୍ଥାର ଅସୁବିଧା

ପଣ୍ୟ ବିନିମୟ ବ୍ୟବସ୍ଥାର ଅସୁବିଧା ନିମ୍ନରେ ଦିଆଯାଇଛି ।

୧. ପଣ୍ୟ ବିନିମୟ ବ୍ୟବସ୍ଥାର ସବୁଠାରୁ ସାଧାରଣ ଅସୁବିଧା ହେଉଛି ଅଭାବର ଦ୍ୱୈତ ସଂଯୋଗର ଅନୁପସ୍ଥିତି ଏହାର ଅର୍ଥ କ'ଣ ? ଅଭାବର ଦ୍ୱୈତ ସଂଯୋଗ ଅର୍ଥ ହେଉଛି ଯଦି ଜଣେ ବ୍ୟକ୍ତି ଏକ ଦ୍ରବ୍ୟ ଅନ୍ୟ ଦ୍ରବ୍ୟ ଅନ୍ୟ ଏକ ବ୍ୟକ୍ତିଙ୍କଠାରୁ ଆଣିବାକୁ ଚାହୁଁଛି ସେତେବେଳେ ଅପରଲୋକଟି ନିଜ ଦ୍ରବ୍ୟ ପ୍ରଥମ ଲୋକକୁ ଦେବା ପାଇଁ ଇଚ୍ଛା ପ୍ରକାଶ କରୁଥିବ । ଉଦାହରଣ ସ୍ୱରୂପ, ଜଣେ ଲୋକ ଲୁଗା ଆବଶ୍ୟକ କରୁଛି ଓ ବଦଳରେ ଚାଉଳ ନେବା



ଟିପ୍ପଣୀ

ପାଇଁ ଚାହୁଁଛି । ତାହେଲେ ସେ ଏଭଳି ଏକ ଲୋକ ସହିତ ବିନିମୟ କରିବ ଯାହା ପାଖରେ ଲୁଗା ଅଛି ଓ ଯିଏ ତାର ଚାଉଳ ନେବା ପାଇଁ ମଧ୍ୟ ଇଚ୍ଛୁକ ଥିବ । ବାସ୍ତବିକ ଜୀବନରେ ଏଭଳି ପରିସ୍ଥିତି ସମ୍ଭବ ହୋଇପାରେ ଓ ନହୋଇପାରେ । ଯଦି ଲୋକଟି ଲୁଗା ବଦଳରେ ଚାଉଳ ନେବା ପାଇଁ ଚାହୁଁନଥିବ ତାହାହେଲେ ଏପରି ବିନିମୟ କଦାପି ସମ୍ଭବ ନୁହେଁ । ଆଉ ଉଭୟଙ୍କର ଆବଶ୍ୟକତା ଅପୂର୍ଣ୍ଣ ରହିଯିବ । ଏହା ଏକ ଅଭାବର ଦ୍ୱୈତ ସଂଯୋଗର ଅନୁପସ୍ଥିତିର ଉଦାହରଣ । ତେଣୁ ଅଭାବର ଦ୍ୱୈତ ସଂଯୋଗ ହେଲେ ହିଁ ପଣ୍ୟ ବିନିମୟ ସମ୍ଭବ ନହେଲେ ଏହା ବିନିମୟ କାର୍ଯ୍ୟ ସମ୍ପାଦନ ହୋଇପାରିବ ନାହିଁ ।

ଏହାକୁ ଜଡ଼ିତ ଆଉ ଏକ ଅସୁବିଧା ହେଲା ଜଣେ ଲୋକ ତାର ଆବଶ୍ୟକ କରୁଥିବା ବିବିଧ ଦ୍ରବ୍ୟ ପାଇବା ପାଇଁ ଅନ୍ୟ ଲୋକର ପ୍ରତିକ୍ଷାରେ ଖୁବ୍ ସମୟ ଅପଚୟ ହୁଏ । ଯାହାବି ହେଉ ମାନବ ସଭ୍ୟତାର ପ୍ରାରମ୍ଭରେ ଏହା ଏକ କଠିନ ବ୍ୟାପାର ଥିଲା, କାରଣ ସେତେବେଳେ ଯାନବାହନ ଓ ଯୋଗାଯୋଗର ଏତେ ସୁବିଧା ନଥିଲା ।

୨. **ଦ୍ରବ୍ୟର ବିଭାଗୀକରଣର ଅସୁବିଧା :** କିଛି ଦ୍ରବ୍ୟ ବାସ୍ତବ କ୍ଷେତ୍ରରେ ଅବିଭାଜ୍ୟ । ଉଦାହରଣ ସ୍ୱରୂପ ଧରିନିଅ ଜଣେ ଲୋକ ପାଖରେ ଗାଈଟିଏ ଅଛି ଏବଂ ସେ କିଛି ଲୁଗା, ଖାଦ୍ୟଶସ୍ୟ ଆବଶ୍ୟକ କରୁଛି । ଏହି କ୍ଷେତ୍ରରେ ଗାଈର କେତେ ପରିମାଣ ଲୁଗା ପାଇଁ ଓ କେତେ ପରିମାଣ ଖାଦ୍ୟ ଶସ୍ୟ ବିନିମୟରେ କାରବାର କରିହେବ ତାହା ସ୍ଥିର କରିବା ଏକ କଠିନ ବ୍ୟାପାର । କାରଣ ଗାଈଟିକୁ ଖଣ୍ଡ ଖଣ୍ଡ କରି ବିନିମୟରେ ଉପଯୋଗ କରିହେବ ନାହିଁ ।

୩. **ଅବିଭାଜ୍ୟ ପଦାର୍ଥ ବା ଦ୍ରବ୍ୟର ବିଭାଜନ ଜନିତ ଅସୁବିଧା :** ପଣ୍ୟ ବିନିମୟ ବ୍ୟବସ୍ଥାରେ ଏକ ସାଧାରଣ ପରିମାପକର ଅଭାବ ହେତୁ ବିଭିନ୍ନ ଦ୍ରବ୍ୟଗୁଡ଼ିକ ମଧ୍ୟରେ ବିନିମୟ ହାର ସ୍ଥିର କରିବା ଏକ କଷ୍ଟକର ବ୍ୟାପାର ଥିଲା । ପୂର୍ବୋକ୍ତ ଉଦାହରଣରେ କିଛି ପରିମାଣର ଖାଦ୍ୟଶସ୍ୟ ବା କିଛି ଲମ୍ବର ଲୁଗା ପାଇଁ କେତେ ପରିମାଣର ଗାଈ ବିନିମୟ କରିହେବ ତାହା ସ୍ଥିର କରିବା ଏକ କଷ୍ଟକର ବ୍ୟାପାର । ଏହା ଅଯୌକ୍ତିକ ବୋଲି ମଧ୍ୟ ମନେ ହୁଏ । ଏହା ଏଥିପାଇଁ ଲାଗେ କାରଣ ଗାଈ ଏକ ସାଧାରଣ ପରିମାପକ ହିସାବରେ କେବେ ମଧ୍ୟ ଗ୍ରହଣ ଯୋଗ୍ୟ ହୋଇପାରେ ନାହିଁ । ସମସ୍ତ ପ୍ରକାର ଦ୍ରବ୍ୟ ପାଇଁ ଏହି ଅସୁବିଧାଟି ସମାନ ଭାବେ ପ୍ରଯୁଜ୍ୟ ।

୪. ପଣ୍ୟ ବିନିମୟ ବ୍ୟବସ୍ଥାର ଅନ୍ୟ ଏକ ଅସୁବିଧା ହେଉଛି ମୂଲ୍ୟ ସଞ୍ଚୟର ଅସୁବିଧା । ଜଣେ ଲୋକକୁ ନିଜ ଜିନିଷ ବଡ଼ ପରିମାଣରେ ସଞ୍ଚୟ କରିବାକୁ ପଡ଼ିବ, ଯାହାକୁ ଭବିଷ୍ୟତରେ ସେ ନିଜ ଚାହିଦା ଜିନିଷ ଆଣିବା ପାଇଁ ବିନିମୟ କରିପାରିବ । ଧର ଗୋଟେ କୃଷକର ଉଦାହରଣ ନିଅ ଯିଏକି ଗହମ ଉତ୍ପାଦନ କରୁଛି । ନିଶ୍ଚିତ ଭାବରେ ସେ ନିଜର ଉପଭୋଗ ନିମନ୍ତେ କିଛି ରଖିବ ଆଉ କିଛି ପରିମାଣ ବିକ୍ରୟ କରିବା ପାଇଁ ରଖିବ । ମନେକର ତାର କିଛି କାଠ ଜିନିଷ ଦରକାର, ତାହେଲେ ସେ ଏମିତି ବଢ଼େଇ ଖୋଜିବ ଯିଏକି ତାର ଗହମ ବିନିମୟରେ କାଠ କାରବାର ପାଇଁ ରାଜି ହେବ । ସେହିଭଳି ଭାବରେ ଯଦି କୃଷକର ଲୁଗା ଦରକାର ହୁଏ ତାହେଲେ ସେ ଏକ ବୁଣାକାର ପାଖକୁ ଯିବ ଯିଏ ତାର ଗହମ ବଦଳରେ ଲୁଗାର କାରବାର କରିବ । ତେଣୁ କୃଷକ ଏକ ପନ୍ୟାଗାର ତିଆରି କରିବ ଯେଉଁଥିରେ ସେ ତାହାର ଗହମ ଭଣ୍ଡାର କରିବାର ନିମନ୍ତେ ରଖିପାରିବ । କିନ୍ତୁ ଆଦିମ ସଭ୍ୟତାରେ ଏହା ଏକ କଷ୍ଟକର ବ୍ୟାପାର ଥିଲା ।

୫. ଶେଷରେ ପଣ୍ୟ ବିନିମୟ ବ୍ୟବସ୍ଥାର ସବୁଠାରୁ ବଡ଼ ଅସୁବିଧା ହେଉଛି ଯେ, ଦ୍ରବ୍ୟ ଆକାରରେ ଅଧିକ ସମୟ ସଞ୍ଚୟ କଲେ ଗଚ୍ଛିତ ଦ୍ରବ୍ୟର ଗୁଣ ଓ ମୂଲ୍ୟ ହ୍ରାସ ପାଇପାରେ କେତେ ଜିନିଷ ଯେପରିକି ଲୁଣ, ପରିବା ଓ ଅନ୍ୟାନ୍ୟ କ୍ଷଣସ୍ଥାୟୀ ଦ୍ରବ୍ୟ ସବୁ ଅଟେ । ଏଥିପାଇଁ ଏପରି ଜିନିଷ ଭବିଷ୍ୟତରେ କାରବାର ନିମନ୍ତେ ଜମା ବ୍ୟବହାର କରି ହେବ ନାହିଁ କାରଣ ସେଗୁଡ଼ିକର ମୂଲ୍ୟ ସଞ୍ଚୟ କରିହେବ ନାହିଁ ।

ଉପରୋକ୍ତ ଅସୁବିଧାଗୁଡ଼ିକ ଯୋଗୁଁ ପଣ୍ୟ ବିନିମୟ ବ୍ୟବସ୍ଥା ବେଶି ଦିନ ପର୍ଯ୍ୟନ୍ତ ଚାଲିପାରିଲା ନାହିଁ । ମାନବ ସଭ୍ୟତାର ପରିବର୍ତ୍ତନ ସହ ମାନବୀୟ ଅଭାବର ପରିମାଣାତ୍ମକ ଓ ଗୁଣାତ୍ମକ ପରିବର୍ତ୍ତନ ହେଲା । ପଣ୍ୟ ବିନିମୟର ଅସୁବିଧାଗୁଡ଼ିକୁ ଦୂର କରିବା ପାଇଁ ମୁଦ୍ରାର ଉଦ୍ଭାବନ ହେଲା । ଏହା ସହଜରେ ସଞ୍ଚୟ ଓ ବିନିମୟର ମାଧ୍ୟମ ହିସାବରେ ବ୍ୟବହାର କରିହେବ । ତେଣୁ ପ୍ରତ୍ୟେକ୍ଷ ଦ୍ରବ୍ୟ ବିନିମୟର ଅସଫଳତା ଯୋଗୁଁ ମୁଦ୍ରାର ଆବଶ୍ୟକତା ଆବିର୍ଭାବ ହେଲା ।

## ପାଠଗତ ପ୍ରଶ୍ନାବଳୀ ୧୪.୨

୧. ଅଭାବର ଦ୍ୱୈତ ସଂଯୋଗ କହିଲେ କ'ଣ, ବ୍ୟାଖ୍ୟା କର ?

୨. ପଣ୍ୟ ବିନିମୟ ବ୍ୟବସ୍ଥା ଜନିତ ଦୁଇଟି ଅସୁବିଧା ଲେଖ ?

## ୧୪.୩ ମୁଦ୍ରାର ସଂଜ୍ଞା ଓ କାର୍ଯ୍ୟାବଳୀ

ମୁଦ୍ରା ହେଉଛି ସେହି ଜିନିଷ ଯାହାକୁ ସମାଜରେ ସାଧାରଣତଃ ଗ୍ରହଣ କରନ୍ତି ବିନିମୟର ଏକକ, ସଞ୍ଚୟର ଧାରକ ଓ ଭବିଷ୍ୟତରେ ଋଣ ପରିଶୋଧର ମାଧ୍ୟମ ଭାବେ ବ୍ୟବହାର କରନ୍ତି ।

ମୁଦ୍ରାର କାର୍ଯ୍ୟାବଳୀ ଉପରୋକ୍ତ ସଂଜ୍ଞାରୁ ଜଣାପଡ଼େ । ଏହା ନିମ୍ନରେ ଦିଆଯାଇଛି ।

### (କ) ବିନିମୟର ଏକ ମାଧ୍ୟମ (A Medium of Exchange)

ମୁଦ୍ରାର ପ୍ରାଥମିକ ବା ମୌଳିକ କାର୍ଯ୍ୟ ହେଲା ଏହା ଏକ ବିନିମୟର ମାଧ୍ୟମ ରୂପେ କାର୍ଯ୍ୟ କରିଥାଏ । ଏହାର ଅର୍ଥ ହେଉଛି ଲୋକମାନେ ତାଙ୍କ ଦ୍ରବ୍ୟ ଓ ସେବାର କିଣାବିକା ମୁଦ୍ରା ସାହାଯ୍ୟରେ କରିପାରିବେ । ବିକ୍ରେତା ତାଙ୍କର ଦ୍ରବ୍ୟକୁ ବିକ୍ରୟ କରି ତା ବଦଳରେ ମୁଦ୍ରା ପାଇପାରୁଛନ୍ତି ଓ କ୍ରେତାମାନେ ତାଙ୍କ ଆବଶ୍ୟକ କରୁଥିବା ଦ୍ରବ୍ୟ ସମୁହ ମୁଦ୍ରା ମାଧ୍ୟମରେ କ୍ରୟ କରିପାରିବେ ।

**ଉଦାହରଣ –** ତୁମେ ଦଶ ଟଙ୍କା ଦେଇ ଏକ କଲମ କିଣିଲ । ବିକ୍ରେତା ସେଇ କଲମଟି ବିକ୍ରି କରି ଦଶ ଟଙ୍କା ଉପାର୍ଜନ କରିଲା । ତାହାହେଲେ କଲମଟି ବିନିମୟ ହେଲା ଦଶ ଟଙ୍କାରେ ।

### (ଖ) ମୂଲ୍ୟର ଏକ ପରିମାପକ (A Measure of Value)

ମୁଦ୍ରାର ଅନ୍ୟ ଏକ ପ୍ରାଥମିକ କାର୍ଯ୍ୟ ହେଲା ଏହା ମୂଲ୍ୟର ଏକ ପରିମାପକ ବା ସାଧାରଣ ମୂଲ୍ୟ ପରିମାପକ ହିସାବରେ କାର୍ଯ୍ୟ କରେ । ଏକ ଦ୍ରବ୍ୟର ଦର ଓ ତାର ପରିମାଣ ଯାହାକି ବଜାରରେ ବିକ୍ରି କରାଗଲା ଗୁଣନ କରି ଆମେ ଏକ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରିଥାଉ । ଦ୍ରବ୍ୟ ଓ ସେବାର ବିନିମୟ ମୂଲ୍ୟ ମୁଦ୍ରାରେ ପ୍ରକାଶିତ ହେଲେ ତାହାକୁ ଦର କୁହାଯାଏ । ଦର ମୁଦ୍ରାରେ ପ୍ରକାଶିତ ହୋଇଥାଏ ।

**ଉଦାହରଣ –** ମନେକର ଚାଉଳ ହେଉଛି କିଲୋଗ୍ରାମ୍ ପିଛା ୨୦ ଟଙ୍କା । ଗୋଟିଏ ଚାଉଳ ବସ୍ତାରେ ୨୫ କିଲୋଗ୍ରାମ ଚାଉଳ ରହିପାରିବ । ତାହାହେଲେ ଏକ ବସ୍ତା ଚାଉଳର ମୂଲ୍ୟ ହେଉଛି ଟ.୨୦ × ୨୫ = ଟ.୫୦୦

## (ଗ) ମୁଦ୍ରା ମୂଲ୍ୟ ସଞ୍ଚୟର ଏକ ନିଧାନ ( A Store of Value)

ମୁଦ୍ରା ମୂଲ୍ୟ ସଞ୍ଚୟ ଭାବେ କାର୍ଯ୍ୟ କରେ । ମୂଲ୍ୟର ସଞ୍ଚୟ ପାଇଁ ମୁଦ୍ରା ଏକ ଫଳପ୍ରଦ ମାଧ୍ୟମ ହିସାବରେ କାର୍ଯ୍ୟ କରିଥାଏ । କିପରି ? ବିନିମୟର ମାଧ୍ୟମ ହେଉଥିବା ଯୋଗୁଁ ତୁମେମାନେ ଟଙ୍କା ଦେଇ ଜିନିଷ କିଣିପାରୁଛ । ଏହାର ଅର୍ଥ ହେଉଛି ତୁମ ପାଖରେ ଟଙ୍କା ଥିଲେ ତୁମର ବସ୍ତୁ ବା ସେବାକୁ କିଣିବା ପାଇଁ ଶକ୍ତି ଅଛି । ତେଣୁ ବିନିମୟର ମାଧ୍ୟମ ମୁଦ୍ରାକୁ ସାଧାରଣ କ୍ରୟ ଶକ୍ତି ପ୍ରଦାନ କରିଛି । ଏହି କ୍ରୟ ଶକ୍ତି ଉକ୍ତ ଦ୍ରବ୍ୟର ମୂଲ୍ୟକୁ ଧାରଣ କରିଥାଏ । ଅତଏବ ଏକ ଦ୍ରବ୍ୟର ମୂଲ୍ୟ ପରୋକ୍ଷ ଭାବେ ତୁମ ଧାରଣ କରିଥିବା ମୁଦ୍ରାରେ ସଞ୍ଚୟ ହୋଇଥାଏ । ସେହିଭଳି ଭାବରେ ଏକ ବିକ୍ରେତା ଯେତେବେଳେ ତାର ଜିନିଷ ବିକ୍ରି କରିଥାଏ, ସେ କିଛି ମୁଦ୍ରା ଉପାର୍ଜନ କରିଥାଏ । ଏହାର ଅର୍ଥ ହେଉଛି ସେ ଯେତିକି ମୂଲ୍ୟର ଦ୍ରବ୍ୟ ବିକ୍ରି କରିଥାଏ, ସେ ସେତିକି ପରିମାଣର ମୁଦ୍ରା ଫେରିପାଏ ।

**ଉଦାହରଣ :** ସୁଶୀଳା ପାଖରେ କିଛି ଆମ୍ବ ଥିଲା ଯାହା ସେ ଏକ କ୍ରେତାକୁ ୨୫୦ ଟଙ୍କାରେ ବିକିଲା । ଏହାର ଅର୍ଥ ହେଲା ୨୫୦ ଟଙ୍କା ମୂଲ୍ୟର ବିନିମୟ ହେଲା । କ୍ରେତା ଯିଏ ଆମ୍ବ କିଣିବା ପାଇଁ ପ୍ରସ୍ତୁତ ତାର କ୍ରୟ ଶକ୍ତି ମଧ୍ୟ ୨୫୦ ଟଙ୍କାର ଥିଲା । ଅତଏବ ସୁଶୀଳା ବିକ୍ରେତା ହିସାବରେ ଯେଉଁ ମୁଦ୍ରା ପାଇଲା ତାହା ଭିତରେ ୨୫୦ ଟଙ୍କାର ମୂଲ୍ୟ ସଞ୍ଚିତ ହୋଇଥିଲା । ସୁଶୀଳା ବସ୍ତୁ ଆକାରରେ ଏହି ଆମ୍ବକୁ ସଞ୍ଚୟ କଲେ ଗଚ୍ଛିତ ଦ୍ରବ୍ୟର ଗୁଣ ଓ ମୂଲ୍ୟ ହ୍ରାସ ପାଇପାରେ । ମୁଦ୍ରା କ୍ରୟଶକ୍ତିର ପ୍ରତୀକ ହୋଇଥିବାରୁ ସଞ୍ଚିତ ମୁଦ୍ରାର ମୂଲ୍ୟ ୨୫୦ ଟଙ୍କା ଅଟେ ।

## (ଘ) ସ୍ଥଗିତ ପ୍ରାପ୍ୟ ପରିଶୋଧର ମାନଦଣ୍ଡ ( A Standard of deferred payment)

ଆମେ ସମସ୍ତେ ଧାର ନେବା ଓ ଦେବା କାର୍ଯ୍ୟରେ ଲିପ୍ତ ଥାଉ । ମନେକର ତୁମ ସାଙ୍ଗ ତାର ବହି କିଣିବା ପାଇଁ ତୁମଠାରୁ ୩୦୦ ଟଙ୍କା ଧାର ମାଗିଲା । ଏକ ସପ୍ତାହ ମଧ୍ୟରେ ତାହା ଫେରାଇବାର ପ୍ରତିଶ୍ରୁତି ଦେଲା । ଯଦି ତୁମେ ସେହିଥିରେ ରାଜି ଥାଅ ଓ ସେ ବାସ୍ତବରେ ମୁଦ୍ରା ଫେରାଇଲା, ତେବେ ଏଠାରେ ତୁମକୁ ଋଣଦାତା ଓ ତୁମ ସାଙ୍ଗକୁ ଋଣ ଗ୍ରହୀତା କୁହାଯିବ । ଜଣେ ଋଣଦାତା ହିସାବରେ ତୁମେ ତୁମ ସାଙ୍ଗକୁ ଦେଇଥିବା ମୁଦ୍ରା ଉପରେ ସୁଧ ମଧ୍ୟ ମାଗିପାରିବା । ବିନା ସୁଧରେ ତୁମ ସାଙ୍ଗ ତୁମକୁ ଏକ ସପ୍ତାହ ପରେ ୩୦୦ ଟଙ୍କା ଫେରାଇବ ଓ ଯଦି ତୁମେ ଏକ ଟଙ୍କା ଲେଖାଏଁ ସୁଧ ଦାବି କର ତାହାହେଲେ ତୁମ ସାଙ୍ଗ ତୁମକୁ ୩୦୧ ଟଙ୍କା ଏକ ସପ୍ତାହ ପରେ ଫେରାଇବ । ତୁମ ସାଙ୍ଗ ପରି ଆହୁରି ବହୁତ ଲୋକ ଅଛନ୍ତି ଯେଉଁମାନେ ତାଙ୍କର ବର୍ତ୍ତମାନର ଚାହିଦା ପୂର୍ଣ୍ଣ କରିବା ନିମନ୍ତେ ଟଙ୍କା ଧାର ନିଅନ୍ତି ଓ ଯେଉଁଭଳି ଭାବେ ଋଣଦାତା ସହିତ ଚୁକ୍ତି ହୋଇଥାଏ ସେହିଭଳି ଭାବରେ ସୁଧ ସହିତ ଭବିଷ୍ୟତରେ ପରିଶୋଧର ପ୍ରତିଶ୍ରୁତି ଦେଇଥାନ୍ତି । ମୁଦ୍ରାର ମୂଲ୍ୟ ଅପେକ୍ଷାକୃତ ଅଧିକ ସ୍ଥିର ଥିବାରୁ ମୁଦ୍ରା ଆକାରରେ ସ୍ଥଗିତ ପ୍ରାପ୍ୟ ପରିଶୋଧ କଲେ କୌଣସି ପକ୍ଷ କ୍ଷତିଗ୍ରସ୍ତ ହୋଇନଥାନ୍ତି । ମୁଦ୍ରା ଋଣ ପ୍ରଦାନ ଓ ଋଣ ଗ୍ରହଣକୁ କମ୍ କ୍ଷତି-ଭୟ-ସଙ୍କୁଳ କରିଥାଏ । ଟିକେ ଭାବି ଦେଖିବା ଯେ, ଯଦି ତୁମ ସାଙ୍ଗ ତୁମକୁ ୩୦୦ ବା ୩୦୧ ମୁଦ୍ରା ବଦଳରେ ତାର କିଣିଥିବା ପୁସ୍ତକଟି ଦେଇଥାଆନ୍ତା ତାହାହେଲେ ତୁମେ କ'ଣ ପୁସ୍ତକକୁ ଗ୍ରହଣ କରିଥାଆନ୍ତ । ପ୍ରାୟତଃ ନୁହେଁ । କାରଣ ନୂଆ ପୁସ୍ତକର ମୂଲ୍ୟ ସପ୍ତାହ ମଧ୍ୟରେ କିଛି କମ୍ ହୋଇଯିବ । କିନ୍ତୁ ମୁଦ୍ରା ଭବିଷ୍ୟତରେ ମଧ୍ୟ ଗ୍ରହଣୀୟ କାରଣ ମୁଦ୍ରା ଭବିଷ୍ୟତ ମୂଲ୍ୟର ଏକ ନିଧାନ ।

## ପାଠଗତ ପ୍ରଶ୍ନାବଳୀ ୧୪.୩

୧. ମୁଦ୍ରା ''ବିନିମୟର ଏକ ମାଧ୍ୟମ''ର ସଂଜ୍ଞା ଲେଖ ।

୨. ଏକ ଦ୍ରବ୍ୟର ମୂଲ୍ୟ ଅର୍ଥ କ'ଣ ବ୍ୟାଖ୍ୟା କର ।

## ୧୪.୪ ମୁଦ୍ରାର ପ୍ରକାର ଭେଦ

### ୧୪.୪.୧ କାଗଜ ମୁଦ୍ରା ଓ ଧାତବ ମୁଦ୍ରା

ମୁଦ୍ରା କିପରି ଦେଖାଯାଏ ? ଏହାର ଆକୃତି କିଭଳି ଅଟେ ? ଦୀର୍ଘ ବର୍ଷ ଧରି ମୁଦ୍ରାର ଆକୃତିର ପରିବର୍ତ୍ତନ ହେଉଛି । ତୁମେ ଇତିହାସ ପଢ଼ିଛ ରାଜା ବେଳରେ ଲୋକମାନେ ସୁନା ମୁଦ୍ରା, ରୂପା ଓ ତମ୍ବା ମୁଦ୍ରା ବ୍ୟବହାର କରୁଥିଲେ । ଏହା ପୂର୍ବରୁ, ଆଦିମ ଦିନରେ ଲୋକମାନେ କିଛି ସ୍ଥାନରେ ଗାଈ ଗୋରୁ ଓ ଲୁଣକୁ ମୁଦ୍ରା ଆକାରରେ ବ୍ୟବହାର କରୁଥିଲେ ।

ଆଜିକାଲି ଦିନରେ ଦ୍ରବ୍ୟ ଓ ସେବାରେ କିଣାବିକା ପାଇଁ ଆଉ କେହି ଗୋରୁଗାଈ କିମ୍ବା ଲୁଣକୁ ମୁଦ୍ରାଭାବେ ବ୍ୟବହାର କରୁନାହାନ୍ତି । କାରଣ ଗୋରୁଗାଈକୁ ରଖିବା ପାଇଁ ବଡ଼ ଯାଗା ଓ ଅଲଗା ବାତାବରଣ ଦରକାର ଯାହାକି ପ୍ରାୟତଃ ସମ୍ଭବ ନୁହେଁ । ଲୁଣ ଏକ ନଷ୍ଟଶୀଳ ଯାହାକୁ ବିନିମୟ ଉଦ୍ଦେଶ୍ୟରେ ବହୁଦିନ ସଞ୍ଚୟ କରିହେବ ନାହିଁ । ତେଣୁ ଦୀର୍ଘ କେତେ ବର୍ଷ ଧରି ପରୀକ୍ଷା ନୀରିକ୍ଷା କରିବା ପରେ, ଏବେ ଲୋକମାନେ କାଗଜ ନୋଟ୍ ଓ ଧାତବ ମୁଦ୍ରା ଆକୃତିର ମୁଦ୍ରା ରଖୁଛନ୍ତି ଯାହା ସହଜବାହୀ ଅଟେ । ଆମ ଭାରତର ବିଭିନ୍ନ ପ୍ରକାର ମୂଲ୍ୟର କାଗଜ ମୁଦ୍ରା ଯଥା – ୧, ୨, ୫, ୧୦, ୨୦, ୫୦, ୧୦୦, ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ ଆଦି ପ୍ରଚଳିତ ହେଉଛି । ସାଧାରଣତଃ ଏଗୁଡ଼ିକୁ କାଗଜ ମୁଦ୍ରା କହୁଛନ୍ତି ଓ ରୁପି (ଏକବଚନ) ରୁପିଜ୍ (ବହୁବଚନ)ରେ ସମ୍ବୋଧନ କରନ୍ତି । ଏହାର ପ୍ରତୀକ ଚିହ୍ନ ହେଉଛି Rs.।

କ୍ରେତା ଓ ବିକ୍ରେତାମାନେ ମୁଦ୍ରାର ଦିଆନିଆ କାଗଜ ନୋଟ ମାଧ୍ୟମରେ କରନ୍ତି । ଛୋଟ ମୂଲ୍ୟ ପାଇଁ ଧାତୁ ମୁଦ୍ରା ଯାହାକୁ ଆମେ ''ପଇସା'' ଯେମିତି କି ୫୦ ପଇସା ହେଉଛି ଏକ ଟଙ୍କାର ଅଧା ସହିତ ସମାନ । ଭାରତରେ ଏବେ ୧୦ ଟଙ୍କାର କାଗଜ ମୁଦ୍ରା ପ୍ରଚଳିତ ହେଉଛି ।

ତୁମେ ଜାଣିରଖିବା ଦରକାର ଯେ ଏହି ପ୍ରଚଳିତ କାଗଜ ନୋଟ୍ ବା ଧାତବ ମୁଦ୍ରା ପଛରେ ଭାରତ ସରକାରଙ୍କ ସ୍ୱୀକୃତି ଅଛି । ନଚେତ୍ ଏହି ମୁଦ୍ରାର କେହିବି ଦୁରୁପୋଯୋଗ କରିପାରିବେ ।

ମନେରଖ ଭାରତରେ କାଗଜ ନୋଟ ବା କାଗଜ ମୁଦ୍ରା କେବଳ ଭାରତରେ ହିଁ ପ୍ରଯୁଜ୍ୟ, ଅନ୍ୟ ଦେଶରେ ଏହା ପ୍ରଚଳିତ ନୁହେଁ । ପ୍ରତ୍ୟେକ ଦେଶରେ ନିଜ ନିଜର ମୁଦ୍ରା ରହିଥାଏ । ତୁମେ ଯଦି ଅନ୍ୟ କୌଣସି ଦେଶକୁ ବୁଲିବା ପାଇଁ ଯାଅ ତେବେ ତୁମକୁ ଆମ ଦେଶର ମୁଦ୍ରା ବଦଳରେ ଉକ୍ତ ଦେଶର ମୁଦ୍ରା ବିନିମୟ କରି ନେବାକୁ ହେବ । କେତେକ ଦେଶରେ ପ୍ରଚଳିତ ମୁଦ୍ରାର ନାମ ନିମ୍ନରେ ପ୍ରଦତ୍ତ କରାଗଲା ।

୧. ଯୁକ୍ତରାଷ୍ଟ୍ର ଆମେରିକାର ମୁଦ୍ରାର ନାମ ଡଲାର ଏବଂ ଏହାର ଚିହ୍ନ ହେଉଛି $

୨. ୟୁରୋପ ଦେଶର ମୁଦ୍ରାର ନାମ ହେଉଚି ୟୁରୋ ଏବଂ ଏହାର ଚିହ୍ନ ହେଉଛି €

୩. ଯୁକ୍ତରାଜ୍ୟ ଦେଶର ମୁଦ୍ରାର ନାମ ହେଉଛି ପାଉଣ୍ଡ ଏହାର ଚିହ୍ନ ହେଉଛି £

୪. ଜାପାନ ଦେଶର ମୁଦ୍ରାର ନାମ ହେଉଛି ୟେନ୍ ଏହାର ଚିହ୍ନ ହେଉଛି ¥

## ପାଠଗତ ପ୍ରଶ୍ନାବଳୀ ୧୪.୪

୧. କାଗଜ ନୋଟର ଅର୍ଥ କ'ଣ ?

## ତୁମ ପାଇଁ କାର୍ଯ୍ୟ

ଫ୍ରାନ୍ସ, ଜର୍ମାନି, ଚୀନ, ବ୍ରାଜିଲ୍, ପ୍ରମୁଖ ଦେଶର ମୁଦ୍ରାର ନାମ ଲେଖି ଏକ ତାଲିକା ତିଆରି କର ।

## ତୁମେ କ'ଣ ଶିଖିଲ ?

- ମୁଦ୍ରାର ଉଦ୍ଭାବନ ପୂର୍ବରୁ ପଣ୍ୟ ବିନିମୟ ବା ପ୍ରତ୍ୟକ୍ଷ ବିନିମୟ ବ୍ୟବସ୍ଥା ଥିଲା, ଯେଉଁଥିରେ ଲୋକମାନେ ଦ୍ରବ୍ୟ ବିନିମୟରେ ଦ୍ରବ୍ୟ ବ୍ୟବହାର କରୁଥିଲେ ।
- ପଣ୍ୟ ବିନିମୟ ବ୍ୟବସ୍ଥାରେ ବହୁ ଅସୁବିଧା ଅଛି ଯେମିତିକି ମୂଲ୍ୟର ଏକ ସାଧାରଣ ପରିମାପକର ଅଭାବ, ଅଭାବର ଦ୍ୱୈତ ସଂଯୋଗର ଅନୁପସ୍ଥିତି, ଦ୍ରବ୍ୟ ସଞ୍ଚୟ ନିମନ୍ତେ ଜାଗାର ଅଭାବ ଓ ଅନ୍ୟାନ୍ୟ । ଏହି ଅସୁବିଧାଗୁଡ଼ିକ ମୁଦ୍ରାର ଉଦ୍ଭାବନ ପାଇଁ ପଥ ପରିଷ୍କାର କଲା ।
- ମୁଦ୍ରାର ବିଭିନ୍ନ କାର୍ଯ୍ୟାବଳୀ ହେଉଛି, ଏହା ବିନିମୟର ଏକ ମାଧ୍ୟମ, ମୂଲ୍ୟର ଏକ ପରିମାପକ, ମୂଲ୍ୟର ଏକ ନିଧାନ ଏବଂ ସ୍ଥଗିତ ପ୍ରାପ୍ୟ ପରିଶୋଧର ମାନଦଣ୍ଡ ।
- ମୁଦ୍ରା ଧାତବ ମୁଦ୍ରା ବା କାଗଜ ମୁଦ୍ରା ବା ବିଧିଗ୍ରାହ୍ୟ ମୁଦ୍ରା ଆକାରରେ ପ୍ରଚଳିତ ହୋଇଥାଏ ।

## ଅନ୍ତିମ ପ୍ରଶ୍ନାବଳୀ

୧. ପଣ୍ୟ ବିନିମୟ ବ୍ୟବସ୍ଥା କିଭଳି ଭାବରେ କାର୍ଯ୍ୟ କରିଥାଏ, ବ୍ୟାଖ୍ୟା କର ?

୨. ପଣ୍ୟ ବିନିମୟ ବ୍ୟବସ୍ଥାରେ କ'ଣ ସବୁ ଅସୁବିଧା ଅଛି ?

୩. ମୁଦ୍ରାର ସଂଜ୍ଞା କ'ଣ ଓ ଏହାର ତିନୋଟି କାର୍ଯ୍ୟ ଉଲ୍ଲେଖ କର ।

୪. ଭାରତର କାଗଜ ନୋଟ ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୪.୧** ୧. ଦ୍ରବ୍ୟ ବିନିମୟରେ ଦ୍ରବ୍ୟକୁ ପଣ୍ୟ ବିନିମୟ ବ୍ୟବସ୍ଥା କହନ୍ତି ।

୨. (କ) ୧୦ କିଲୋଗ୍ରାମର ଗହମ ୫ କିଲୋଗ୍ରାମର ଚିନି ପାଇଁ ।

(ଖ) ୮ କିଲୋଗ୍ରାମର ଚାଉଳ ଏକ ହଳ ଜୋତା ପାଇଁ ।

**୧୪.୨** ୧. ଦୁଇଟି ଲୋକଙ୍କର ଭିତରେ ପାରସ୍ପରିକ ବିନିମୟ ଦ୍ରବ୍ୟର ।

୨. (କ) ଅଭାବର ଦ୍ୱୈତ ସଂଯୋଗର ଅନୁପସ୍ଥିତି

(ଖ) ମୂଲ୍ୟର ସଞ୍ଚୟର ନିଧାନ

**୧୪.୩** ୧. ଯେଉଁ ଦ୍ରବ୍ୟ ବା ପଦାର୍ଥ ଦ୍ରବ୍ୟ ଓ ସେବା କ୍ରୟ ଓ ବିକ୍ରୟ କ୍ଷେତ୍ରରେ ସର୍ବଗ୍ରହଣୀୟ ଅଟେ ।

୨. ଦ୍ରବ୍ୟର ମୂଲ୍ୟ = ଦ୍ରବ୍ୟର ଦର × ଦ୍ରବ୍ୟର ପରିମାଣ

**୧୪.୪** ୧. କାଗଜ ନୋଟ୍ ଏକ ମୁଦ୍ରାର ଉଦାହରଣ ।

# ୧୫
# ବ୍ୟାଙ୍କ ଓ ଋଣ

ମୁଦ୍ରା ଓ ବ୍ୟାଙ୍କ ଉଭୟ ସମାନ ଭାବରେ ଅବସ୍ଥାପନ କରନ୍ତି । ସେମାନେ ପରସ୍ପରର ପରିପୂରକ ଅଟନ୍ତି । ତେଣୁ ମୁଦ୍ରା ବିଷୟରେ ପଢ଼ିସାରିଲା ପରେ ଆମକୁ ବ୍ୟାଙ୍କ ବିଷୟରେ ନିହାତି ପଢ଼ିବାକୁ ହେବ । ଆଜିକାଲିର ଆଧୁନିକ ସମାଜରେ 'ବ୍ୟାଙ୍କ' ଏକ ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ଅଟେ । ମନେରଖିବାକୁ ହେବ ଯେତେବେଳେ ସମାଜ ମୁଦ୍ରାର ବିନିମୟର ମାଧ୍ୟମ ହିସାବରେ ଉପକାରିତା ଉପଲବ୍ଧ କଲା, ସେତେବେଳେ ମୁଦ୍ରା କିପରି ସୁରକ୍ଷିତ ଜାଗାରେ ସଞ୍ଚୟ କରିହେବ ତାହା ମଧ୍ୟ କରିବା ଜରୁରୀ ହୋଇପଡ଼ିଲା । ଏହି ସୁରକ୍ଷିତ ଜାଗା କାଳକ୍ରମେ ବ୍ୟାଙ୍କ ରୂପରେ ଅବସ୍ଥାନ କଲା, ଯାହାକି ମୁଦ୍ରା ସହିତ ବିଭିନ୍ନ ଉପାୟରେ କାରବାର କରିଥାଏ । ଲୋକମାନେ ବ୍ୟାଙ୍କରେ ନିଜର ବଳକା ଆୟକୁ ଜମା କରିବା ପାଇଁ, ନିଜ ଖାତାରୁ ଜମା ହୋଇଥିବା ଆୟକୁ ପ୍ରତ୍ୟାହାର କରିବା ପାଇଁ, ଋଣ ନେବା ପାଇଁ ଓ ଅନ୍ୟାନ୍ୟ ପାଉଣା ଟଙ୍କା ଆକାରରେ ଦେବା ପାଇଁ ଯାଇଥାନ୍ତି । ଆଜିର ଆଧୁନିକ ଅର୍ଥବ୍ୟବସ୍ଥାରେ ବ୍ୟାଙ୍କର କାର୍ଯ୍ୟାବଳୀ ବିବିଧ ଓ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଉତ୍ପାଦନ ଉନ୍ନୟନ, ବଣ୍ଟନ ଓ ବାଣିଜ୍ୟ ସବୁ କ୍ଷେତ୍ରରେ ବ୍ୟାଙ୍କ ଏକ ନିର୍ଦ୍ଦିଷ୍ଟ ଭୂମିକା ନିର୍ବାହ କରିଥାଏ । ଏହା ଉପରୋକ୍ତ କାର୍ଯ୍ୟଗୁଡ଼ିକୁ ସହଜ ଓ ସୁଗମ କରାଏ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ଶେଷରେ ତୁମ୍ଭେମାନେ –

- ବ୍ୟାଙ୍କ ଓ ବ୍ୟାଙ୍କ ବ୍ୟବସ୍ଥା ବିଷୟରେ ବୁଝିପାରିବ ;
- ବ୍ୟାଙ୍କର କାର୍ଯ୍ୟାବଳୀ ବୁଝି ପାରିବ ;
- ଋଣର ଅର୍ଥ ଓ ଋଣ ସୃଷ୍ଟିର ପ୍ରକ୍ରିୟା ବୁଝିପାରିବ ଏବଂ
- ଭାରତରେ ବିଭିନ୍ନ ପ୍ରକାରର ବ୍ୟାଙ୍କ ଭିତରେ ପାର୍ଥକ୍ୟ ଜାଣିପାରିବ ।

## ୧୫.୧ ବ୍ୟାଙ୍କ ଓ ବ୍ୟାଙ୍କ ବ୍ୟବସ୍ଥାର ଅର୍ଥ

ବ୍ୟାଙ୍କ ହେଉଛି ଏକ ଆର୍ଥିକ ଅନୁଷ୍ଠାନ ଯିଏ ଲୋକମାନଙ୍କଠାରୁ ଜମା ଗ୍ରହଣ କରେ ଓ ସେମାନଙ୍କୁ ଋଣ ପ୍ରଦାନ କରେ । ବ୍ୟାଙ୍କ ବ୍ୟବସ୍ଥା ଲୋକମାନଙ୍କର ଜମାଟଙ୍କାକୁ ଋଣ ଉଦ୍ଦେଶ୍ୟରେ ନିବେଶ କରନ୍ତି ଓ ସେମାନଙ୍କର ଚାହିଁବା ମାତ୍ରେ ଉକ୍ତ ଟଙ୍କା ଫେରସ୍ତ ବା ପ୍ରତ୍ୟାହାର ଚେକ୍, ଡ୍ରାଫ୍ଟ, ଆଦେଶ ଚେକ୍ ଆଦି ମାଧ୍ୟମରେ ଦେଇଥାନ୍ତି ।

## ୧୫.୨ ବ୍ୟାଙ୍କର କାର୍ଯ୍ୟାବଳୀ

ଉପରୋକ୍ତ ଦିଆଯାଇଥିବା ବ୍ୟାଙ୍କର ଅର୍ଥରୁ ଆମେ ଏହାର କାର୍ଯ୍ୟାବଳୀ ବିଷୟରେ ଭଲ ଭାବରେ ଜାଣିପାରିବା ।

ଏକ ବ୍ୟାଙ୍କର ପ୍ରାଥମିକ କାର୍ଯ୍ୟଗୁଡ଼ିକ ହେଉଛି –

(କ) ସର୍ବସାଧାରଣଙ୍କଠାରୁ ଜମା ଗ୍ରହଣ

(ଖ) ଋଣ ପ୍ରଦାନ

କିଛି ବ୍ୟାଙ୍କର ପ୍ରତୀକ ଭାବେ ବ୍ୟବହାର ହେଉଥିବା ଚିହ୍ନର ଚିତ୍ର

### ୧୫.୨.୧ ଜମା ଗ୍ରହଣ

ବ୍ୟାଙ୍କର ସର୍ବପ୍ରଧାନ କାର୍ଯ୍ୟ ହେଲା ଜନସାଧାରଣ ଓ ବ୍ୟବସାୟ ପ୍ରତିଷ୍ଠାନମାନଙ୍କଠାରୁ ଜମା ଗ୍ରହଣ କରିବା । ମନେରଖିବାକୁ ହେବ ଯେତେବେଳେ କୌଣସି ବ୍ୟକ୍ତି ବ୍ୟାଙ୍କରେ ଟଙ୍କା ଜମା କରେ ବ୍ୟାଙ୍କ ଉକ୍ତ ଜମା ଟଙ୍କା ରଖିବା ପାଇଁ ସେହି ବ୍ୟକ୍ତି ନାମରେ ଏକ ହିସାବ ଖାତା ଖୋଲିଥାଆନ୍ତି । ଯେତେବେଳେ ପୁନର୍ବାର ଟଙ୍କା ଜମା କରିବାକୁ ଚାହାଁନ୍ତି ତାଙ୍କର ହିସାବ ଖାତା ନମ୍ବର ଅନୁଯାୟୀ ବ୍ୟାଙ୍କ ଟଙ୍କା ତାଙ୍କ ହିସାବ ଖାତାରେ ରଖିଥାଏ । ସେହି ଆକାଉଣ୍ଟ୍ ନମ୍ବରରେ ଜମାକାରୀ ଯେତେବେଳେ ଇଚ୍ଛା ଟଙ୍କା ଜମା କରିପାରିବେ । ଆଉ ଯଦି ଜମାକାରୀ ଆବଶ୍ୟକ ମୁତାବକ ମୁଦ୍ରା ଉଠାଣ କରିବା ପାଇଁ ଚାହିଁବେ, ବ୍ୟାଙ୍କ ତାହା ଜମାକାରୀର ଆକାଉଣ୍ଟରୁ କାଟିଦେବ । ଅନ୍ୟପକ୍ଷରେ ବ୍ୟାଙ୍କ ତାର କେତେ ପ୍ରକାର ଜମା ଉପରେ ସୁଧ ଦେଇଥାଏ ।

ଏଠାରେ ମନେ ରଖ, ବ୍ୟାଙ୍କ ତାର ଜମାକାରୀମାନଙ୍କ ପାଇଁ ଚେକ୍ ବହି ଦେଇଥାଏ । ଏହି ଚେକ୍ ମାଧ୍ୟମରେ ଜମାକାରୀମାନେ ବ୍ୟାଙ୍କରୁ ଟଙ୍କା ଉଠାଣ କରିପାରିବେ ଓ ଅନ୍ୟ ଲୋକଙ୍କୁ ଅର୍ଥପ୍ରଦାନ କରିପାରିବେ ।

### ୧୫.୨.୨. ଋଣ ପ୍ରଦାନ

ଜମା ଗ୍ରହଣ ପରେ ବ୍ୟାଙ୍କର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା ଋଣ ପ୍ରଦାନ । ବ୍ୟାଙ୍କ ସେଇମାନଙ୍କୁ ହିଁ ଋଣ ଦିଏ ଯେଉଁମାନେ ଋଣ ନେବା ପାଇଁ ଚାହାଁନ୍ତି ଓ ଭବିଷ୍ୟତରେ ତାହାକୁ ପରିଶୋଧ କରିବାର ସାମର୍ଥ୍ୟ ମଧ୍ୟ ରଖିଥାଆନ୍ତି । ଏହାର ଅର୍ଥ କ'ଣ ? ଏଥିପାଇଁ ଆମକୁ ଜାଣିବାକୁ ପଡ଼ିବ ଲୋକମାନେ କ'ଣ ପାଇଁ ଋଣ ନିଅନ୍ତି ? କିଛି କିଣିବା ପାଇଁ ବା କୌଣସି ବ୍ୟବସାୟ କାରବାର ଆରମ୍ଭ କରିବା ପାଇଁ କିଛି ପୁଞ୍ଜି ଦରକାର ହୁଏ । କିନ୍ତୁ ବର୍ତ୍ତମାନ ସମୟରେ ଯେତେବେଳେ ଆବଶ୍ୟକ ମୁତାବକ ଟଙ୍କା ନଥାଏ। ଲୋକମାନେ ବ୍ୟାଙ୍କରୁ ଋଣ ନେଇଥାଆନ୍ତି । କିନ୍ତୁ ଉକ୍ତ ଟଙ୍କା ଭବିଷ୍ୟତରେ ପରିଶୋଧ କରିବା ପାଇଁ ସେମାନଙ୍କର ସାମର୍ଥ୍ୟ ଥିବ । ଦ୍ରବ୍ୟ ଯେପରି କି ଟି.ଭି., ରେଫ୍ରିଜେରେଟର, ଲୁଗା ସଫା ଯନ୍ତ୍ର, ଗାଡ଼ି ଓ ଅନ୍ୟାନ୍ୟ ହେଉଛି ଭାରି ଦାମି ଜିନିଷ ପାଇଁ ଅଧିକ ଟଙ୍କା ଆବଶ୍ୟକ





ହୋଇଥାଏ । ସେହିଭଳି ଭାବରେ ଘର କିଣିବା ପାଇଁ ଓ ତିଆରି କରିବା ପାଇଁ ବହୁତ ଟଙ୍କା ଦରକାର । ଏହିସବୁ ପାଇଁ ବ୍ୟାଙ୍କ ଋଣ ଦେଇଥାଏ । ବ୍ୟାଙ୍କ ନୂଆକରି ବ୍ୟବସାୟ କାରବାର ଆରମ୍ଭ କରିବା ପାଇଁ ମଧ୍ୟ ଋଣ ଦେଇଥାଏ ।

### ୧୫.୨.୩ ମୂଲ୍ୟବାନ ବସ୍ତୁର ରକ୍ଷଣାବେକ୍ଷଣ

ରକ୍ଷଣାବେକ୍ଷଣ ବ୍ୟାଙ୍କର ଏହା ଅନ୍ୟ ଏକ କାର୍ଯ୍ୟ ଅଟେ । ଲୋକମାନେ ସେମାନଙ୍କର ମୂଲ୍ୟବାନ ଅଳଙ୍କାର, ଜମିଜମା, ଦଲିଲ୍, ଗୋପନୀୟ ଉଇଲ ଇତ୍ୟାଦି ବ୍ୟାଙ୍କର ସିନ୍ଧୁକରେ ସାଇତି ରଖନ୍ତି । ଆଜିକାଲି ଏହାକୁ ଲକର୍ ବ୍ୟବସ୍ଥା କୁହାଯାଏ । ବ୍ୟାଙ୍କ ଏଥିପାଇଁ କିଛି କମିଶନ ତାଙ୍କର ଗ୍ରାହକଙ୍କଠାରୁ ନେଇଥାଏ ।

## ପାଠଗତ ପ୍ରଶ୍ନାବଳୀ ୧୫.୧

୧. ଏଭଳି ଏକ ଅନୁଷ୍ଠାନର ନାମ ଲେଖ ଯେଉଁଥିରେ ଲୋକମାନେ ତାଙ୍କ ବଳକା ଆୟକୁ ଜମା କରିପାରିବେ।

୨. ବ୍ୟାଙ୍କ କେଉଁ କେଉଁ ଉଦ୍ଦେଶ୍ୟ ପାଇଁ ଋଣ ଦେଇଥାଏ । ଦୁଇଟି ଉଦ୍ଦେଶ୍ୟର ନାମ ଲେଖ ?

## ତୁମ ପାଇଁ କାର୍ଯ୍ୟ ୧୫.୧

ନିଜ ବାପାମାଆଙ୍କ ସହିତ କୌଣସି ଏକ ବ୍ୟାଙ୍କକୁ ଯାଅ ଏବଂ ସେଠାରେ ଦେଖ ଯେ ସେହି ବ୍ୟାଙ୍କ କିପରି କାର୍ଯ୍ୟ କରୁଛି ଓ କେଉଁ କେଉଁ ଉପାୟରେ ଲୋକମାନଙ୍କୁ ସାହାଯ୍ୟ କରୁଛି ।

## ୧୫.୩ ଋଣର ଅର୍ଥ

ନିଜର ପାଉଣା ପାଇବା ପାଇଁ ଦାବୀ କରିବାକୁ ଋଣ କୁହାଯାଏ । ଯେତେବେଳେ ବ୍ୟାଙ୍କ ଲୋକମାନଙ୍କୁ ଋଣ ମଞ୍ଜୁର କରେ, ସେତେବେଳେ ବ୍ୟାଙ୍କ ହୋଇଯାଏ ଋଣ ଦାତା ଓ ଋଣ ନେଉଥିବା ଲୋକଟି ହୋଇଯାଏ ଋଣ ଗ୍ରହୀତା ବା ଋଣକର୍ତ୍ତା । ଯେତେବେଳେ ବ୍ୟାଙ୍କ ଋଣ ଦିଏ, ସେ ଭବିଷ୍ୟତରେ ଉକ୍ତ ଟଙ୍କା ଫେରିପାଇବାର ବ୍ୟବସ୍ଥା ମଧ୍ୟ କରିଥାଏ । ଏହାର ଅର୍ଥ ହେଉଛି ବ୍ୟାଙ୍କ ଋଣ ଗ୍ରହୀତାଠାରୁ ନିଜ ଟଙ୍କା ଭବିଷ୍ୟତରେ ଦାବି କରିପାରିବ । ଏହିଭଳି ଭାବରେ ବ୍ୟାଙ୍କରେ ଜମା ମୁଦ୍ରା ବୃଦ୍ଧି ପାଏ । ଏହାକୁ ବ୍ୟାଙ୍କର ଋଣ ମୁଦ୍ରା ସୃଷ୍ଟି କୁହାଯାଏ । ତେଣୁ ଆମେ କହିପାରିବା ଯେ ଋଣ ଦେବା ଓ ଋଣ ନେବା କାର୍ଯ୍ୟରୁ ଋଣ ସୃଷ୍ଟି ହୁଏ ।

## ୧୫.୩ ଋଣ ସୃଷ୍ଟିର ପ୍ରକ୍ରିୟା

ଏବେ ନିମ୍ନଲିଖିତ ପ୍ରଶ୍ନ ଉଠେ – କିଭଳି ଭାବରେ ବ୍ୟାଙ୍କ ଋଣ ସୃଷ୍ଟି କରେ ? ବା ଅନ୍ୟ ଭାବରେ କହିଲେ ଏକ ବ୍ୟାଙ୍କ କେଉଁଠାରୁ ମୁଦ୍ରା ସଂଗ୍ରହ କରିଥାଏ । ଋଣ ଦେବା ପାଇଁ ଏବଂ କେତେ ପରିମାଣର ଋଣ ଏହା ସୃଷ୍ଟି କରିପାରିବ ଏହାର ଉତ୍ତର ନିମ୍ନରେ ଦିଆଯାଇଛି ।

ଆମେ ଜାଣିଛୁ ବ୍ୟାଙ୍କ ଲୋକମାନଙ୍କଠାରୁ ଜମା ଆକାରରେ ମୁଦ୍ରା ସଂଗ୍ରହ କରେ । ସାଧାରଣତଃ ଏହି ଜମା ହୋଇଥିବା ଟଙ୍କାଗୁଡ଼ିକ ଯେତେବେଳେ ଲୋକେ ଚାହିଁବେ ସେତେବେଳେ ଉକ୍ତ ଟଙ୍କା ପ୍ରତ୍ୟାହାର କରିପାରିବେ ।





ଯଦି ସବୁ ଜମାକାରୀ ତାଙ୍କର ସମସ୍ତ ଜମା କରିଥିବା ଟଙ୍କା ପ୍ରତ୍ୟାହାର କରିନେବେ, ତେବେ ବ୍ୟାଙ୍କ ପାଖରେ କିଛି ମୁଦ୍ରା ବଳିବ ନାହିଁ । କିନ୍ତୁ ଏଭଳି ଜିନିଷ ସାଧାରଣତଃ ହୁଏ ନାହିଁ ।

ବ୍ୟାଙ୍କଗୁଡ଼ିକ ସେମାନଙ୍କର ଦୀର୍ଘ ଅଭିଜ୍ଞତାରୁ ଜାଣନ୍ତି ଯେ ସମସ୍ତ ଜମାକାରୀ ଏକ ସମୟରେ ମୁଦ୍ରା ଉଠାଣ ପାଇଁ ଆସୁନାହାନ୍ତି । ପ୍ରାୟତଃ ଲୋକମାନେ ତାଙ୍କର ଆବଶ୍ୟକତା ଅନୁସାରେ କିଛି ପରିମାଣର ମୁଦ୍ରା ବ୍ୟାଙ୍କରୁ ଉଠାଇ ଥାଆନ୍ତି ଏବଂ ବାକିତକ ଜମା ହୋଇଥିବା ଟଙ୍କା ତାଙ୍କର ବ୍ୟାଙ୍କ ଖାତାରେ ଥାଏ । ଏହାକୁ ସମ୍ଭବ କରିବା ପାଇଁ ବ୍ୟାଙ୍କକୁ ସର୍ବଦା ମୋଟ ଜମାର ଏକ ନିର୍ଦ୍ଦିଷ୍ଟ ଅଂଶ ନଗଦ ଆକାରରେ ରଖିବାକୁ ପଡ଼ିଥାଏ । ଏହି ଅଂଶକୁ ଶତାଂଶରେ ପ୍ରକାଶିତ ହୋଇଯାଏ । ମୋଟ ଜମାର କେତେ ଶତାଂଶ ନଗଦ ମୁଦ୍ରା ଆକାରରେ ରଖିବାକୁ ପଡ଼ିବ ? ଏହା ଏକ ଦେଶର ବ୍ୟାଙ୍କ କର୍ତ୍ତୃପକ୍ଷ ସ୍ଥିର ହୋଇଥାଏ । ଯେଉଁ ଜମାକାରୀ ବ୍ୟାଙ୍କକୁ ଟଙ୍କା ପ୍ରତ୍ୟାହାର କରିବା ପାଇଁ ଆସିବ ସେମାନଙ୍କ ଲାଗି ନିଜ ନିକଟରେ ବ୍ୟାଙ୍କ ଏହି ଜମାକୁ ସଂରକ୍ଷିତ କରି ରଖିଥାଏ । ମୋଟ ଜମାର ଯେଉଁ ଅଂଶ ବ୍ୟାଙ୍କ ନିଜ ନିକଟରେ ସଂରକ୍ଷିତ କରି ରଖିଥାଏ ତାହାକୁ ସଂରକ୍ଷିତ ଜମା ରାଶି ବୋଲି କୁହାଯାଏ । ସଂରକ୍ଷିତ ଜମା ଅନୁପାତ ସ୍ଥିର ହେଲାପରେ ବ୍ୟାଙ୍କ ମୋଟ ଜମା ଟଙ୍କାରୁ ଉକ୍ତ ଟଙ୍କାକୁ ବ୍ୟାଙ୍କ ଅନ୍ତର କରି ଅବଶିଷ୍ଟ ଟଙ୍କାକୁ ଋଣ ଦେଇଥାଏ । ବ୍ୟାଙ୍କର ଏହି କାର୍ଯ୍ୟ ଯୋଗୁଁ ଋଣମୁଦ୍ରା ସୃଷ୍ଟି ହୋଇଥାଏ । ନିମ୍ନଲିଖିତ ଉଦାହରଣରେ ଋଣ ସୃଷ୍ଟି କରିବାର ପ୍ରକ୍ରିୟା କ୍ରମଅନୁସାରେ ବିବରଣୀ କରାହୋଇଛି ।

## ୧୫.୪.୧ ଋଣ ସୃଷ୍ଟିର ପ୍ରକ୍ରିୟା କ୍ରମ ଅନୁସାରେ

ଏହାକୁ ସହଜ କରିବା ପାଇଁ ଚାଲନ୍ତୁ ଭାବିନେବା ଏକ ଦେଶର ଗୋଟିଏ ବ୍ୟାଙ୍କ ଅଛି । ବ୍ୟାଙ୍କ ବ୍ୟବସ୍ଥାର କର୍ତ୍ତୃପକ୍ଷ ସ୍ଥିର କଲେ ନଗଦ ସଂରକ୍ଷଣ ଅନୁପାତ ୨୦ ଶତକଡ଼ା । ତେଣୁ ବ୍ୟାଙ୍କ ତାର ଚଳନ୍ତି ଜମାରୁ ୨୦ ଶତକଡ଼ା ନଗଦ ଆକାରରେ ରଖିବ ତାର ଜମାକର୍ତ୍ତାର ଚାହିଦା ପୂର୍ଣ୍ଣ କରିବାପାଇଁ ।

**ପ୍ରଥମ ସୋପାନ :** ଜଣେ ବ୍ୟକ୍ତି ଯାହାକୁ ଧର ଆମେ 'କ' ବୋଲି କହିବା ୧୦୦ ଟଙ୍କା ତାର ଜମା ଖାତାରେ ଜମା କଲା । ତାହାହେଲେ ବ୍ୟାଙ୍କର ଜମା ୧୦୦ ଟଙ୍କା ଲେଖାଏଁ ବୃଦ୍ଧି ପାଇଲା । ନିୟମ ଅନୁସାରେ ବ୍ୟାଙ୍କକୁ ୧୦୦ରୁ ୨୦ ଶତକଡ଼ା ନଗଦ ଆକାରରେ ରଖିବାକୁ ପଡ଼ିବ । ଏହା ହେବ ୨୦ ଟଙ୍କା । ତେଣୁ ବ୍ୟାଙ୍କ ୨୦ ଟଙ୍କା ରଖିଲା ତାର ନଗଦ ପରିଶୋଧ ପାଇଁ । ତେବେ ଆମେ ୧୦୦ ରୁ ୨୦ ଫେଡ଼ିବା ୧୦୦ – ୨୦ = ୮୦ । ତେଣୁ ବ୍ୟାଙ୍କ ଏହି ୮୦ ଟଙ୍କା ତାର ଋଣ ଦେବା ନିମନ୍ତେ ବ୍ୟବହାର କରିପାରିବ ।

**ଦ୍ୱିତୀୟ ସୋପାନ :** ଆଉ ଜଣେ ଲୋକ 'ଖ' ବୋଲି ବ୍ୟାଙ୍କକୁ ଆସିଲା ୮୦ ଟଙ୍କାର ଋଣ ନେବା ପାଇଁ । ବ୍ୟାଙ୍କ ଏହି ଋଣ ଦେବା ପରେ, ସେହିଲୋକଠାରୁ 'ଖ' ଭବିଷ୍ୟତରେ ସେତିକି ଟଙ୍କା ଦାବି କରିପାରିବ । ଋଣ ଗ୍ରହୀତାଙ୍କ ନାମରେ ଏକ ଜମା ହିସାବ ଖୋଲି ଚେକ୍ ମାଧ୍ୟମରେ ମୁଦ୍ରା ଉଠାଣ ପାଇଁ ଅନୁମତି ଦେଇଥାଏ । ଏହାଦ୍ୱାରା ବ୍ୟାଙ୍କ ୮୦ ଟଙ୍କାର ଅନ୍ୟ ଏକ ଜମା ସୃଷ୍ଟି କଲା । ଏବେ ଆମେ ମୋଟ ଜମା କେତେ ହେବ ହିସାବ କରି ଦେଖିବା ।

ପ୍ରଥମେ 'କ' ଲୋକଟି ୧୦୦ ଟଙ୍କା ଜମା କରିଥିଲା । ବ୍ୟାଙ୍କ 'ଖ' ଲୋକଟିକୁ ଋଣ ଦେଇ ସେଇ ଲୋକଠାରୁ ୮୦ ଟଙ୍କା ଦାବି କରିପାରିବ । ତେଣୁ ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାଙ୍କର ମୋଟ ଜମା ହେଉଛି ୧୮୦ ଟଙ୍କା ଅର୍ଥାତ୍ ୧୦୦ + ୮୦ = ୧୮୦

**ତୃତୀୟ ସୋପାନ :** ଆଉ ଜଣେ ଲୋକ 'ଗ' ବୋଲି ସେହି ବ୍ୟାଙ୍କରୁ ଋଣ ନେବା ପାଇଁ ଚାହିଁଲା । କେତେ ପରିମାଣର ମୁଦ୍ରା ବ୍ୟାଙ୍କ 'ଗ' ଲୋକଟିକୁ ଋଣ ଦେଇପାରିବ ? ପୂର୍ବ ଧାରାରେ ଆମେ ଦେଖିଲୁ, ବ୍ୟାଙ୍କର ଜମା ୮୦ ଟଙ୍କାକୁ ବୃଦ୍ଧି ପାଇପାରିବ, ଯଦି ସେ 'ଖ' ଲୋକଠାରୁ ଦାବି କରିବ । ନିୟମ ଅନୁସାରେ ବ୍ୟାଙ୍କକୁ ୮୦ ର



ଟିପ୍ପଣୀ

୨୦ ଶତକଡ଼ା ନଗଦ ଆକାରରେ ରଖିବାକୁ ପଡ଼ିବ ଓ ବାକି ମୁଦ୍ରା ସେ ଚାହିଁଲେ ରଣ ଦେଇପାରିବ। ୮୦ ରୁ ୨୦% ହେଉଛି ୧୬ ତେଣୁ ବ୍ୟାଙ୍କ ଏବେ ଷୋହଳ ଟଙ୍କା ନଗଦ ଆକାରରେ ରଖି ବାକି ୮୦-୧୬ = ୬୪ ରଣ ଦେଇପାରିବ । ତେଣୁ ବ୍ୟାଙ୍କ ୬୪ ଟଙ୍କାର ରଣ 'ଗ' ଲୋକଟିକୁ ଦେଇପାରିବ ଏବଂ ପୁଣି ଥରେ ସେତିକି ପରିମାଣର ମୁଦ୍ରା ସେ 'ଗ' ଲୋକଠାରୁ ଦାବି କରି ଆଉ ଏକ ୬୪ ଟଙ୍କାର ଜମା ସୃଷ୍ଟି କରିପାରିବ ୩ୟ ଧାରାରେ ।

ଉପର ଦୁଇ ପର୍ଯ୍ୟାୟ ପରି ତୃତୀୟ ପର୍ଯ୍ୟାୟ ମଧ୍ୟ ଆମେ କହିପାରିବୁ ଯେ ବ୍ୟାଙ୍କର ମୋଟ ଜମା ବୃଦ୍ଧି ପାଇଛି ୧୮୦ + ୬୪ = ୨୪୪ ପର୍ଯ୍ୟନ୍ତ ବା ୧୦୦ + ୮୦+ ୬୪ । ଏହି ଧାରା କିଛି ସମୟ ପର୍ଯ୍ୟନ୍ତ ଚାଲି ରହିବ । ଏହା କେତେ ପର୍ଯ୍ୟନ୍ତ ଚାଲେ ଓ କେତେବେଳେ ସମାପ୍ତ ହେବ ? ତୁମେମାନେ ଜାଣିଲ ଯେ ପ୍ରତ୍ୟେକ ପର୍ଯ୍ୟାୟ ବୃଦ୍ଧି ପାଇଥିବା ଜମାର ୨୦ ଶତକଡ଼ା ନଗଦ ଆକାରରେ ରଖିବାକୁ ପଡୁଛି । ତୁମେ ଜାଣିଲ ଯେ ବ୍ୟାଙ୍କ ଜମାର ୧୦୦ ଟଙ୍କା ବୃଦ୍ଧିରୁ ଆମେ ପ୍ରଥମ ପର୍ଯ୍ୟାୟରେ ଆରମ୍ଭ କଲୁ । ରଣ ପ୍ରକ୍ରିୟା ଶେଷ ହେବ ସେତେବେଳେ ଯେତେବେଳେ ୨୦ ଶତକଡ଼ା ଜମାର ପ୍ରତ୍ୟେକ ଧାରାର ମୋଟ ୧୦୦ ହେବ । ତାହାହେଲେ ପ୍ରଶ୍ନ କର କେତେ ମାତ୍ରାର ୨୦ ଶତକଡ଼ା ହେଲା ୧୦୦? ଏହାର ଉତ୍ତର ହେଉଛି ୨୦ ଶତକଡ଼ା ୫୦୦ର ହେଉଛି ୧୦୦ । ଏହାର ଅର୍ଥ ହେଉଛି ଆମର ଉପରୋକ୍ତ ଉଦାହରଣରେ ପ୍ରାରମ୍ଭିକ ବୃଦ୍ଧି ପାଇଥିବା ବ୍ୟାଙ୍କ ଜମା ୧୦୦ ଟଙ୍କାରେ ଏବଂ ନଗଦ ସଂରକ୍ଷଣ ଅନୁପାତ ୨୦ ଶତକଡ଼ା ଥିବାବେଳେ, ମୋଟ ରଣ ସୃଷ୍ଟି ହେବ ୫୦୦ ଟଙ୍କାର । ଏହି ତିନୋଟି ମଧ୍ୟରେ ଏକ ସଂଯୋଗ ଅଛି । ତୁମେ ଜାଣିଛ ୨୦% = ୨୦/୧୦୦ = ୧/୫ ଏଠାରେ ୫୦୦ = ୧୦୦ × ୧/୨୦% = ୧୦୦ × ୧/୫ = ୧୦୦ × ୫ ଏହିଭଳି ଭାବରେ ଆମେ ରଣ ସୃଷ୍ଟିର ନିମ୍ନଲିଖିତରେ ଏକ ପଦ୍ଧତି ଦେଇପାରିବା

ମୋଟ ରଣ = ଜମାର ପ୍ରାରମ୍ଭିକ ବୃଦ୍ଧି × ୧ / ନଗଦ ସଂରକ୍ଷଣ ଅନୁପାତ

୫୦୦ = ୧୦୦ × ୧/୨୦%

ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ମନେ ରଖିବାକୁ ହେବ । ଯେହେତୁ ବ୍ୟାଙ୍କର ଜମାକୁ ବିଭାଜନ କରାହୋଇଛି ୨୦% ଶତକଡ଼ା ନଗଦ ଓ ବାକି ଟଙ୍କା ରଣ ଆକାରରେ ପ୍ରତି ପର୍ଯ୍ୟାୟରେ ମୋଟ ଜମା ୫୦୦ ଟଙ୍କାର ମଧ୍ୟ ନିମ୍ନ ପ୍ରକାରରେ ବିଭାଜନ କରାଯାଇପାରିବ ।

ନଗଦ ସଂରକ୍ଷଣ ୨୦% / ୫୦୦ = ଟ. ୧୦୦

ରଣ ମାତ୍ରା = ୫୦୦ - ୧୦୦ = ଟ.୪୦୦

ଏବେ ଆମେ ପ୍ରତିଟି ପର୍ଯ୍ୟାୟ ରଣ ସୃଷ୍ଟିର ନିମ୍ନ ସାରଣୀରେ ଦେଇପାରିବା

| ଧାରା | ଜମାରେ ବୃଦ୍ଧି ହୋଇଥିବା | ନଗଦ ସଂରକ୍ଷଣ | ରଣ |
|---|---|---|---|
| ୧ | ୧୦୦ | ୨୦ | ୮୦ |
| ୨ | ୮୦ | ୧୬ | ୬୪ |
| ୩ | ୬୪ | ୧୨.୮ | ୫୧.୨ |
| ୪ | ୫୧.୨ | ୧୦.୨୪ | ୪୦.୯୬ |
| ୫ | ୪୦.୯୬ | ୮.୧୯ | ୩୨.୭୭ |
| – | – | – | – |
| – | – | – | – |
| ମୋଟ | ୫୦୦ | ୧୦୦ | ୪୦୦ |

ଶେଷରେ ଆମେ ମନେ ରଖିବା ଯେ, ଋଣ ସୃଷ୍ଟି ପ୍ରକ୍ରିୟାରେ ଦୁଇ ପ୍ରକାରର ଜମା ଲିଖିତ ଅଛି । ପ୍ରଥମଟି ହେଉଛି ପ୍ରାଥମିକ ଜମା । ପ୍ରାଥମିକ ଜମା ହେଉଛି ବ୍ୟାଙ୍କ ଜମାରେ ବୃଦ୍ଧି ପାଇଥିବା ପ୍ରାରମ୍ଭିକ ଜମା ଯାହା ଫଳରେ ବ୍ୟାଙ୍କର ଆଉ ଏକ ନୂଆ ଜମା ଜନସାଧାରଣଙ୍କଠାରୁ ସୃଷ୍ଟି ହୁଏ । ଆମର ଦିଆଯାଇଥିବା ଉପରୋକ୍ତ ଉଦାହରଣରେ ପ୍ରାଥମିକ ଜମା ହେଉଛି ୧୦୦ ଟଙ୍କା ଯାହାକି 'କ' ଲୋକଟି ଆରମ୍ଭରେ ଜମା କରିଥିଲା । ଦ୍ୱିତୀୟଟି ହେଉଛି ଗୌଣିକ ଜମା । ବ୍ୟାଙ୍କ ପ୍ରତ୍ୟେକ ପର୍ଯ୍ୟାୟରେ ଋଣ ଦେଉଥିବାବେଳେ ଯେଉଁ ନୂଆ ଜମାଟି ସୃଷ୍ଟି ହୁଏ ତାହାକୁ ଗୌଣିକ ଜମା ବୋଲି କହନ୍ତି । ଗୌଣିକ ଜମାର ବୃଦ୍ଧିରୁ ହିଁ ଋଣ ସୃଷ୍ଟି ସମ୍ଭବ ହୋଇଅଛି ।

## ୧୫.୪.୨ ଏକ ବ୍ୟାଙ୍କର ଋଣ ସୃଷ୍ଟି କରିବାର ସାମର୍ଥ୍ୟ କେତେ ?

ଏକ ବ୍ୟାଙ୍କର ଋଣ ସୃଷ୍ଟି କରିବାର ସାମର୍ଥ୍ୟ ସେମାନଙ୍କର ନଗଦ ସଂରକ୍ଷଣ ଅନୁପାତ ଉପରେ ନିର୍ଭର କରିଥାଏ । ଯଦି ନଗଦ ସଂରକ୍ଷଣ ଅନୁପାତ ଅଧିକରେ ଥାଏ, ତାହାହେଲେ ଏକ ବ୍ୟାଙ୍କକୁ ଅଧିକ ନଗଦ ଟଙ୍କା ଜମାକାରୀଙ୍କ ଚାହିଦା ପାଇଁ ରଖିବାକୁ ପଡ଼ିବ ଓ ସେହି ଅନୁସାରେ କମ୍ ମୁଦ୍ରା ବଳିବ ଋଣ ଦେବା ପାଇଁ । ତେଣୁ ଋଣ ସୃଷ୍ଟି କମ୍ ହେବ । ଋଣ ସୃଷ୍ଟି ଅଧିକ ହେବ ଯଦି ନଗଦ ସଂରକ୍ଷଣ ଅନୁପାତ କମ୍ ହେବ । ଆମର ଦିଆଯାଇଥିବା ଉଦାହରଣରେ ମୋଟ ଋଣ ୫୦୦ ଟଙ୍କା ହୋଇଥିଲା ଯେତେବେଳେ ନଗଦ ସଂରକ୍ଷଣ ଅନୁପାତ ୨୦% ପ୍ରାରମ୍ଭିକ ବୃଦ୍ଧି ପାଇଥିବା ଜମା ୧୦୦ ଟଙ୍କା ଥିଲା । ବର୍ତ୍ତମାନ ଆମେ ଯଦି ନଗଦ ସଂରକ୍ଷଣ ଅନୁପାତ ୧୦ ଶତକଡ଼ାକୁ କମେଇ ଦେବା । ତାହାହେଲେ ମୋଟ ଋଣ ହେବ ୧୦୦ × ୧/୧୦/୧୦୦ = ୧୦୦ × ୧୦ = ଟ.୧୦୦୦

## ପାଠଗତ ପ୍ରଶ୍ନାବଳୀ ୧୫.୨

୧. ଏକ ବ୍ୟାଙ୍କ ୨୦୦ ଟଙ୍କାର ଜମା ଗ୍ରହଣ କଲା । ସେ ୧୮୦ ଟଙ୍କାର ଋଣ ଋଣଗ୍ରହୀତାକୁ ଦେଲା । ଏଠାରେ ନଗଦ ସଂରକ୍ଷଣ ଅନୁପାତ କେତେ ?

୨. ଉପରୋକ୍ତ ପ୍ରଶ୍ନରେ (କ) ପ୍ରାଥମିକ ଜମା (ଖ) ଗୌଣିକ ଜମା ଏବଂ (ଗ) ମୋଟ ଜମା କେତେ ଅଛି, ବାହାର କର ?

୩. ଋଣର ସଂଜ୍ଞା କ'ଣ ?

## ୧୫.୫ ଭାରତରେ ଥିବା ବିଭିନ୍ନ ପ୍ରକାରର ବ୍ୟାଙ୍କ

ଆମ ଭାରତରେ ଥିବା ବିଭିନ୍ନ ପ୍ରକାରର ବ୍ୟାଙ୍କ ନିମ୍ନରେ ଲେଖା ହୋଇଛି ।

୧. ଭାରତର ରିଜର୍ଭ ବ୍ୟାଙ୍କ, ଯିଏକି ଆମ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ଅଟେ ।

୨. ବାଣିଜ୍ୟିକ ବ୍ୟାଙ୍କ

୩. ସମବାୟ ବ୍ୟାଙ୍କ

୪. ଉନ୍ନୟନ ବ୍ୟାଙ୍କ ବା ବିକାଶ ବ୍ୟାଙ୍କ

ଏହିଗୁଡ଼ିକ ସଂକ୍ଷିପ୍ତରେ ଆଲୋଚନା କରିବା ।

## ୧୫.୫.୧ ଭାରତୀୟ ରିଜର୍ଭ ବ୍ୟାଙ୍କ

ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସ୍ଥାନ ସର୍ବାଗ୍ରେ । ଏହାର ଅର୍ଥ ହେଲା ଅନ୍ୟ ସବୁ ବ୍ୟାଙ୍କ ଯଥା ବାଣିଜ୍ୟିକ ବ୍ୟାଙ୍କ ବା ସମବାୟ ବ୍ୟାଙ୍କ ବା ଉନ୍ନୟନ ବ୍ୟାଙ୍କ ପ୍ରଭୃତି ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ଅନୁସାରେ ହୋଇଥାଏ । ଏହାର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇରେ ଅବସ୍ଥିତି । ଏହାର ମୌଳିକ କାର୍ଯ୍ୟ ହେଲା ନୋଟ ପ୍ରଚଳନ । ଏହା ବିଭିନ୍ନ ଏକକ ମୂଲ୍ୟର କାଗଜ ମୁଦ୍ରା ଯଥା ୨, ୫, ୧୦, ୫୦, ୧୦୦ ୫୦୦ ଓ ୧୦୦୦ ପ୍ରଚଳିତ କରିଥାଏ । ତୁମେମାନେ ଏହି ପ୍ରଚଳିତ ମୁଦ୍ରା ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ ରାଜ୍ୟପାଳଙ୍କର ସ୍ୱାକ୍ଷର ଦେଖିପାରିବ । ଏହି ସ୍ୱାକ୍ଷର ଧାରିଥିବା ନୋଟ୍‌ଟି ସରକାରଙ୍କ ଦ୍ୱାରା ବିଧିଗ୍ରାହ୍ୟ ମୁଦ୍ରା ହିସାବରେ ସ୍ୱୀକୃତି ଲାଭ କରିଥାଏ । ଆମ ଦେଶରେ ଏକ ଟଙ୍କିଆ କାଗଜ ମୁଦ୍ରାଟି ଭାରତ ସରକାରଙ୍କର ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ହୋଇଛି




ଭାରତୀୟ ରିଜର୍ଭ ବ୍ୟାଙ୍କର ଅନ୍ୟ ଏକ କାର୍ଯ୍ୟ ହେଉଛି, ଏହା ସରକାରଙ୍କ ବ୍ୟାଙ୍କ ପ୍ରତିନିଧି ଓ ପରାମର୍ଶଦାତା ହିସାବରେ କାର୍ଯ୍ୟ କରିଥାଏ । ଭାରତରେ ଏହା କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଏହି ବ୍ୟାଙ୍କ ହିସାବର କାରବାର ରଖିଥାଏ । ଏହି ବ୍ୟାଙ୍କରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଜମା କରନ୍ତି ଏବଂ ଋଣ ମଧ୍ୟ ନେଇଥାନ୍ତି ।

## ୧୫.୫.୨ ବାଣିଜ୍ୟିକ ବ୍ୟାଙ୍କ

ଆମେ ଠିକ୍ ଏହା ପୂର୍ବରୁ ଋଣ ସୃଷ୍ଟି ବିଷୟରେ ଆଲୋଚନା କରିଥିଲୁ । ସେତେବେଳେ ଯେଉଁ 'ବ୍ୟାଙ୍କ' କଥା ଆମେ କହୁଥିଲୁ, ତାହା ବାସ୍ତବରେ ହେଉଛି ଏହି ବାଣିଜ୍ୟିକ ବ୍ୟାଙ୍କ । ଯେଉଁସବୁ ବ୍ୟାଙ୍କର କାର୍ଯ୍ୟାବଳୀ ବିଷୟରେ ଆମେ ପୂର୍ବରୁ ଆଲୋଚନା କରିଛୁ ତାହା ମଧ୍ୟ ବାଣିଜ୍ୟିକ ବ୍ୟାଙ୍କର କାର୍ଯ୍ୟାବଳୀ ଅଟେ । ଭାରତରେ କେତେକ ବାଣିଜ୍ୟିକ ବ୍ୟାଙ୍କ ସରକାରୀ ବା ରାଷ୍ଟ୍ରାୟତ ଉଦ୍ୟୋଗ ଭାବେ କାମ କରନ୍ତି । ଉଦାହରଣ ସ୍ୱରୂପ ଭାରତୀୟ ଷ୍ଟେଟ ବ୍ୟାଙ୍କ, ପଞ୍ଜାବ ନ୍ୟାସ୍‌ନାଲ୍ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, କାନାରା ବ୍ୟାଙ୍କ, ବରୋଦା ବ୍ୟାଙ୍କ ଇତ୍ୟାଦି ।

ଅନ୍ୟ କେତେକ ବାଣିଜ୍ୟିକ ବ୍ୟାଙ୍କ ଅଛନ୍ତି, ଯେଉଁମାନେ ବେସରକାରୀ କ୍ଷେତ୍ରରେ କାମ କରୁଛନ୍ତି । ଉଦାହରଣ ସ୍ୱରୂପ ଆଇ.ସି.ଆଇ.ସି.ଆଇ ବ୍ୟାଙ୍କ, ଏଚ୍.ଡ଼ି.ଏଫ୍.ସି ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ ଇତ୍ୟାଦି ।

ବାଣିଜ୍ୟିକ ବ୍ୟାଙ୍କମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲାଭ ଅର୍ଜନ କରିବ ଯାହାକି ସେମାନେ ବିଭିନ୍ନ ଋଣ ଉପରେ ସୁଧ ବସାଇ ଓ ଦେଉଥିବା ବିଭିନ୍ନ ସେବା ଯେପରିକି ମୁଦ୍ରା ପ୍ରେରଣ, ଡ୍ରାଫ୍ଟ ଆଦି ସେବା ପାଇଁ କମିସନ୍ ବା ଫିସ୍ ନେଇଥାନ୍ତି ।

## ୧୫.୫.୩ ସମବାୟ ବ୍ୟାଙ୍କ

ଭାରତରେ ଏପରି କେତେକ ବ୍ୟାଙ୍କ ରହିଛି, ଯେଉଁଗୁଡ଼ିକ ସମବାୟ ସମିତିମାନଙ୍କ ଦ୍ୱାରା କାର୍ଯ୍ୟ କରନ୍ତି ଏବଂ ସେମାନେ କାର୍ଯ୍ୟ କରୁଥିବା ନିର୍ଦ୍ଦିଷ୍ଟ ରାଜ୍ୟର ପ୍ରଣିତ ନିୟମ ଦ୍ୱାରା ପରିଚାଳିତ ହୋଇଥାଏ । ଏଭଳି ବ୍ୟାଙ୍କ ଦୁଇ ପ୍ରକାରର ହୋଇଥାଏ, ଯଥା କୃଷି ସମ୍ବନ୍ଧୀୟ ବା ଗ୍ରାମୀଣ ଓ ଅଣ-କୃଷି ସମ୍ବନ୍ଧୀୟ ବା ସହରୀ ।

ଗ୍ରାମୀଣ ଅଞ୍ଚଳରେ ସମବାୟ ବ୍ୟାଙ୍କଗୁଡ଼ିକ ଚାଷକାମ, ପଶୁପାଳନ, ମତ୍ସ୍ୟ ଉତ୍ପାଦନ ଆଦି କାର୍ଯ୍ୟ ପାଇଁ ଋଣ ଦେଇଥାଆନ୍ତି । ସହରାଞ୍ଚଳରେ, ସମବାୟ ବ୍ୟାଙ୍କଗୁଡ଼ିକ ସ୍ୱାବଲମ୍ବନ କାର୍ଯ୍ୟଗୁଡ଼ିକ ପାଇଁ କ୍ଷୁଦ୍ର ଉଦ୍ୟୋଗ, ଟେଲିଭିଜନ, ଫ୍ରିଜ୍ ଆଦି ସ୍ଥାୟୀ ଜିନିଷ କିଣିବା ପାଇଁ ବ୍ୟକ୍ତିଗତ ଋଣ ଦେଇଥାଆନ୍ତି ।

ସମବାୟ ବ୍ୟାଙ୍କର ଉଦାହରଣ ହିସାବରେ, ରାଜ୍ୟ ସମବାୟ ବ୍ୟାଙ୍କ, ପ୍ରାଥମିକ କୃଷି ସମବାୟ ସମିତି, ସହରୀ ସମବାୟ ବ୍ୟାଙ୍କ ସମୂହ, ଭୂମି ଉନ୍ନୟନ ବ୍ୟାଙ୍କ ସମୂହ, କେନ୍ଦ୍ରୀୟ ଜିଲ୍ଲା ସମବାୟ ବ୍ୟାଙ୍କ ସମୂହକୁ ନିଆଯାଇପାରେ । ଏହିସବୁ ବ୍ୟାଙ୍କଗୁଡ଼ିକ ସେମାନେ କାର୍ଯ୍ୟକରୁଥିବା ରାଜ୍ୟମାନଙ୍କର ନାମାନୁସାରେ ବିଭିନ୍ନ ନାମରେ ନାମିତ ହୋଇଥାଆନ୍ତି ।

## ୧୫.୫.୪ ଉନ୍ନୟନ ବ୍ୟାଙ୍କ

ଦେଶର ଅର୍ଥନୈତିକ ଅଭିବୃଦ୍ଧି ପାଇଁ, ଶିଳ୍ପ ଏବଂ ଭିତ୍ତିଭୂମିରେ ନିବେଶ ନିହାତି ଆବଶ୍ୟକ । ଏସବୁ ପାଇଁ, ଭାରତରେ ଉନ୍ନୟନ ବ୍ୟାଙ୍କର ପ୍ରଚଳନ ଅଛି । ଏହି ବ୍ୟାଙ୍କଗୁଡ଼ିକ ଦୀର୍ଘମିଆଦି ସୂତ୍ରରେ ବେସରକାରୀ ବ୍ୟବସାୟିକ ଅନୁଷ୍ଠାନ ଏବଂ ସରକାରୀ ଉଦ୍ୟୋଗଗୁଡ଼ିକ ଶିଳ୍ପ ଓ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ଋଣ ଦେଇଥାଆନ୍ତି । ଉନ୍ନୟନ ବ୍ୟାଙ୍କର ଉଦାହରଣ ଭାବେ ଭାରତୀୟ ଶିଳ୍ପ ଉନ୍ନୟନ ବ୍ୟାଙ୍କ, ରାଜ୍ୟ ଅର୍ଥ ନିଗମ, ଭାରତୀୟ ଶିଳ୍ପ ଅର୍ଥ ନିଗମ ଆଦିକୁ ନିଆଯାଇପାରେ ।

## ପାଠଗତ ପ୍ରଶ୍ନାବଳୀ ୧୫.୩

୧. ବାଣିଜ୍ୟିକ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଓ ଉନ୍ନୟନ ବ୍ୟାଙ୍କର ଏକ ଉଦାହରଣ ଦିଅ ।

୨. ସମବାୟ ବ୍ୟାଙ୍କ କେଉଁ କେଉଁ କାର୍ଯ୍ୟ ପାଇଁ ଉଭୟ ଗ୍ରାମୀଣ ଓ ସହରାଞ୍ଚଳରେ ଋଣ ଦେଇଥାଆନ୍ତି । ପ୍ରତ୍ୟେକଟିର ଦୁଇଟି ଉଦାହରଣ ଦିଅ ।

୩. ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାରେ ସର୍ବୋଚ୍ଚ ସ୍ଥାନରେ କେଉଁ ବ୍ୟାଙ୍କ ଅଛି ?

## ତୁମେ କ'ଣ ଶିଖିଲ ?

- ବ୍ୟାଙ୍କ ଗୋଟିଏ ଅନୁଷ୍ଠାନ ଯିଏ ଜନସାଧାରଣଙ୍କର ଉଦ୍‌ବୃତ୍ତ ଆୟକୁ ଜମା ଆକାରରେ ସଂଗ୍ରହ କରି ଆବଶ୍ୟକ କରୁଥିବା ଲୋକମାନଙ୍କୁ ଏହି ଜମାରୁ ଋଣ ଆକାରରେ ଅଗ୍ରିମ ଦେଇଥାଏ ।

- ବ୍ୟାଙ୍କ ଋଣଦାତା ହିସାବରେ ତାହାର ଜମାର ବୃଦ୍ଧି କରି ଋଣ ସୃଷ୍ଟି କରିଥାଏ । ଋଣର ଅର୍ଥ ହେଉଛି ଋଣଗ୍ରହୀତାମାନଙ୍କ ନିଜ ପାଉଣାର ଦାବି ।
- ଭାରତୀୟ ରିଜର୍ଭ ବ୍ୟାଙ୍କ ହେଉଛି ବ୍ୟାଙ୍କ ବ୍ୟବସ୍ଥାର ଅଗ୍ରରେ ବା ଶୀର୍ଷରେ ଅବସ୍ଥିତ ।
- ବିଭିନ୍ନ ପ୍ରକାରର ବ୍ୟାଙ୍କ ଯାହା ଆମ ଦେଶରେ କାର୍ଯ୍ୟ କରୁଛି, ତାହା ହେଲା ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟତୀତ ବାଣିଜ୍ୟିକ ବ୍ୟାଙ୍କ, ସମବାୟ ବ୍ୟାଙ୍କ ଏବଂ ଉନ୍ନୟନ ବ୍ୟାଙ୍କ ରହିଛି ।

## ଅନ୍ତିମ ପ୍ରଶ୍ନାବଳୀ

୧. ବ୍ୟାଙ୍କର ଦୁଇଟି କାର୍ଯ୍ୟାବଳୀ ବ୍ୟାଖ୍ୟା କର ।

୨. ଋଣ କ'ଣ ? କିପରି ଭାବେ ଗୋଟିଏ ବ୍ୟାଙ୍କ ଋଣ ସୃଷ୍ଟି କରେ ?

୩. ଭାରତରେ କେଉଁ କେଉଁ ପ୍ରକାରର ବ୍ୟାଙ୍କ ପ୍ରଚଳିତ ହେଉଛି ?

୪. ନିମ୍ନଲିଖିତଗୁଡ଼ିକ ସଂକ୍ଷେପରେ ଲେଖ ।

(କ) ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)

(ଖ) ସମବାୟ ବ୍ୟାଙ୍କ (Co-operative Bank)

(ଗ) ବାଣିଜ୍ୟିକ ବ୍ୟାଙ୍କ (Commercial Bank)

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧୫.୨** ୧. ୧୦%

୨. (କ) ୨୦୦ ଟଙ୍କା (ଖ) ୧୮୦ ଟଙ୍କା (ଗ) ୩୮୦ ଟଙ୍କା

୩. ଏହା ଏକ ସହମତ ବା ଚୁକ୍ତି ଯେଉଁଥିରେ ଋଣଗ୍ରହୀତା କିଛି ମୂଲ୍ୟ ବର୍ତ୍ତମାନ ସମୟରେ ପାଇଥାଏ ଯାହାକୁ ସେ ଋଣ ଦାତାକୁ ଭବିଷ୍ୟତରେ ପରିଶୋଧ କରିବା ପାଇଁ ରାଜି ଥାଏ ।

**୧୫.୩** ୩. ଭାରତୀୟ ରିଜର୍ଭ ବ୍ୟାଙ୍କ (RBI)

# ୧୬
# ସଞ୍ଚୟ ଏବଂ ବୀମା

ଉତ୍ପାଦନ ଓ ଉପଭୋଗ ଛାଡ଼ିଦେଲେ, ସଞ୍ଚୟ ହେଉଛି ଏକ ପ୍ରଧାନ ଅର୍ଥନୀତିକ କାର୍ଯ୍ୟ । ଆମେ ସମସ୍ତେ ବର୍ତ୍ତମାନ ଓ ଭବିଷ୍ୟତର ଜୀବନକୁ ଭଲଭାବରେ ବଞ୍ଚିବାକୁ ଚାହୁଁ । ସେଥିପାଇଁ, ଆମେ ଦ୍ରବ୍ୟର ଉତ୍ପାଦନ କରୁ ଏବଂ ତାହାକୁ ବ୍ୟବହାର କରିଥାଉ । କିନ୍ତୁ ଯଦି ଆମେ ପ୍ରତ୍ୟେକଟି ଉତ୍ପାଦନ ସାମଗ୍ରୀକୁ ଆଜିହିଁ ଉପଭୋଗ କରି ସାରିଦେବା, ତେବେ ଆସନ୍ତାକାଲି ପାଇଁ ଆମ ପାଖରେ କିଛି ରହିବ ନାହିଁ । ସେଥିପାଇଁ ଆମେ ଆଜି ଯେତିକି ଉତ୍ପାଦନ କରିବା, ତା'ଠାରୁ କମ୍ ହିଁ ଉପଭୋଗ କରିବା ଦରକାର । ଭବିଷ୍ୟତ ପାଇଁ ଉତ୍ପାଦନର ବଜାୟ ରଖିବାପାଇଁ ସଞ୍ଚୟର ଉପଯୋଗିତା ରହିଛି । ଆମେ ସମସ୍ତେ ଜାଣୁ ଯେ ଭବିଷ୍ୟତ ହେଉଛି ଅନିଶ୍ଚିତ ଓ ଅଣଆନୁମାନିକ । କେହିବି କହି ପାରିବେ ନାହିଁ ଯେ, ଭବିଷ୍ୟତରେ ଆମର ସ୍ୱାସ୍ଥ୍ୟ, ଜୀବନ ଓ ଧନ ସମ୍ପତ୍ତିର କ'ଣ ହେବ । ସେଗୁଡ଼ିକର ଉପଯୁକ୍ତ ଯତ୍ନ ନେବା ଆବଶ୍ୟକ, ଯେପରିକି ଆମେମାନେ ଭବିଷ୍ୟତରେ ସେଗୁଡ଼ିକୁ ସଠିକ୍ ଭାବରେ ଉପଯୋଗ କରିପାରିବା । ଏହି ପରିସ୍ଥିତିରେ, ବୀମାର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ, ଯାହାକି ସ୍ୱାସ୍ଥ୍ୟ, ଜୀବନ ଓ ଧନସମ୍ପତ୍ତିର ଅବକ୍ଷୟର ସୁରକ୍ଷା ଆମକୁ ଦେଇଥାଏ ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେମାନେ –

- ସଞ୍ଚୟର ଅର୍ଥ ଏବଂ ତାହାର ଆବଶ୍ୟକତା ବିଷୟରେ ବୁଝିପାରିବ ;
- ସଞ୍ଚୟର ବ୍ୟବହାରିକ ବିଷୟରେ ଜାଣିପାରିବ ;
- ସୁଧର ଧାରଣା ବୁଝି ପାରିବ ;
- ବୀମାର ଅର୍ଥ ଓ ତାହାର ଆବଶ୍ୟକତା ବିଷୟରେ ଜାଣିପାରିବ ଏବଂ
- ବିଭିନ୍ନ ପ୍ରକାରର ବୀମା ଯଥା – ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା ଓ ଯାନବାହନ ବୀମା ବିଷୟରେ ନିଜକୁ ପରିଚିତ କରାଇପାରିବ ।

## ୧୬.୧ ସଞ୍ଚୟର ଅର୍ଥ

ବାସ୍ତବିକ ଲୋକମାନେ ସେମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ମେଣ୍ଟାଇବା ପାଇଁ ଅର୍ଥର ଉପାର୍ଜନ କରିଥାଆନ୍ତି । ଯଦି ସେମାନେ ସେମାନଙ୍କର ସମସ୍ତ ରୋଜଗାର ଆଜିହିଁ ଖର୍ଚ୍ଚ କରିଦେବେ, ତେବେ ସେମାନଙ୍କ





ପାଖରେ ଭବିଷ୍ୟତ ପାଇଁ କିଛି ମଧ୍ୟ ରହିବ ନାହିଁ ଏବଂ ସେମାନେ ସେମାନଙ୍କର ଆସନ୍ତାକାଲିର ଆବଶ୍ୟକତାକୁ ମେଣ୍ଟାଇ ପାରିବେ ନାହିଁ । କିନ୍ତୁ ଯଦି ସେମାନଙ୍କ ପାଖରେ ସଞ୍ଚିତ ଅର୍ଥ ଥିବ, ତେବେ ସେମାନେ ତାହାକୁ ଭବିଷ୍ୟତ ପାଇଁ ଉପଯୋଗ କରିପାରିବେ । ଏହି ପରିପ୍ରେକ୍ଷୀରେ ସଞ୍ଚୟ ହେଉଛି ରୋଜଗାରର ସେହି ଅଂଶ ଯାହାକି ବର୍ତ୍ତମାନର ଦ୍ରବ୍ୟ ଓ ସେବା ଉପରେ ଖର୍ଚ୍ଚକରିବା ପରେ ବଳିଥାଏ ଏବଂ ଭବିଷ୍ୟତକୁ ଅପସାରିତ ହୋଇଥାଏ । ଅନ୍ୟ ଅର୍ଥରେ ଉପଭୋଗ କରିସାରିବା ପରେ ଆୟର ବଳକା ଅଂଶକୁ ସଞ୍ଚୟ କୁହାଯାଏ । ତେଣୁ ଆମେ ଲେଖିପାରିବା ଯେ,

**ସଞ୍ଚୟ = ଆୟ – ଉପଭୋଗ**

ନିମ୍ନରେ ଥିବା ସାରଣୀ ୧୬.୧କୁ ଦେଖ । ଉକ୍ତ ସାରଣୀରେ X ନାମଧାରୀ ଜଣେ ବ୍ୟକ୍ତିର ସାରା ବର୍ଷ ପାଇଁ ମାସିକ ରୋଜଗାର ଓ ଖର୍ଚ୍ଚର ବିବରଣୀ ଦିଆଯାଇଅଛି । ତୁମେ ଦେଖିପାରିବ ଯେ, ଏଠାରେ ଆମେ ଏପ୍ରିଲ ମାସରୁ ଆରମ୍ଭ କରିଛୁ ଏବଂ ମାର୍ଚ୍ଚ ମାସର ଶେଷ କରିଛୁ । ଏହାର କାରଣ ଏହା ଯେ, ଆମ ଦେଶରେ ଆର୍ଥିକ ବର୍ଷ ଜଳିତ ବର୍ଷ ଏପ୍ରିଲ୍ ମାସରୁ ଆରମ୍ଭ ହୋଇ ପରବର୍ତ୍ତୀ ବର୍ଷ ମାର୍ଚ୍ଚ ମାସରେ ଶେଷ ହୋଇଥାଏ ।

ସାରଣୀ ୧୬.୧ X ନାମକ ବ୍ୟକ୍ତିଙ୍କର ଗତ ବର୍ଷର ମାସିକ ରୋଜଗାର ଓ ଖର୍ଚ୍ଚର ବିବରଣୀ

| ମାସ | ରୋଜଗାର (ଟଙ୍କାରେ) | ଖର୍ଚ୍ଚ (ଟଙ୍କାରେ) | ସଞ୍ଚୟ (ଟଙ୍କାରେ) |
|---|---|---|---|
| ଏପ୍ରିଲ | ୧୫,୫୦୦ | ୧୪,୩୦୦ | ୧,୨୦୦ |
| ମେ | ୧୫,୫୦୦ | ୧୫,୦୦୦ | ୫୦୦ |
| ଜୁନ | ୧୫,୫୦୦ | ୧୫,୫୦୦ | ୦ |
| ଜୁଲାଇ | ୧୫,୫୦୦ | ୧୫,୫୦୦ | ୦ |
| ଅଗଷ୍ଟ | ୧୫,୫୦୦ | ୧୫,୫୦୦ | ୦ |
| ସେପ୍ଟେମ୍ବର | ୧୫,୫୦୦ | ୧୫,୦୦୦ | ୫୦୦ |
| ଅକ୍ଟୋବର | ୧୫,୫୦୦ | ୧୪,୦୦୦ | ୧,୫୦୦ |
| ନଭେମ୍ବର | ୧୫,୫୦୦ | ୧୫,୫୦୦ | ୦ |
| ଡିସେମ୍ବର | ୧୫,୫୦୦ | ୧୫,୦୦୦ | ୫୦୦ |
| ଜାନୁଆରୀ | ୧୫,୫୦୦ | ୧୫,୩୦୦ | ୨୦୦ |
| ଫେବ୍ରୁଆରୀ | ୧୫,୫୦୦ | ୧୫,୪୦୦ | ୧୦୦ |
| ମାର୍ଚ୍ଚ | ୧୫,୫୦୦ | ୧୫,୦୦୦ | ୫୦୦ |
| ସର୍ବମୋଟ | ୧,୮୬,୦୦୦ | ୧,୮୧,୦୦୦ | ୫୦୦୦ |

ଏଠାରେ ତୁମେ ଦେଖିପାର ଯେ, X ନାମକ ବ୍ୟକ୍ତି ଜଣକ ଗତ ବର୍ଷ ମଧ୍ୟରେ ଏକ ଲକ୍ଷ ଛୟାଅଶି ହଜାର (ଟ.୧,୮୬,୦୦୦/–) ଟଙ୍କା ରୋଜଗାର କରୁଛନ୍ତି ଏବଂ ତାଙ୍କର ବାର୍ଷିକ ଖର୍ଚ୍ଚର ପରିମାଣ ହେଉଛି ଏକ ଲକ୍ଷ ଏକାଅଶୀ ହଜାର (ଟ.୧,୮୧,୦୦୦/–) ଟଙ୍କା । ତେଣୁ ସେ ବର୍ଷକୁ ଟ.୧,୮୬,୦୦୦ – ୧,୮୧,୦୦୦ = ଟ.୫,୦୦୦/– (ପାଞ୍ଚ ହଜାର ଟଙ୍କା) ସଞ୍ଚୟ କରୁଛନ୍ତି ।

ଲକ୍ଷ୍ୟ କର ଯେ, ସଞ୍ଚୟର ହିସାବ କରିବା ପାଇଁ ଆମେ ଗୋଟିଏ ବା ଦୁଇଟି ମାସ ନୁହେଁ, ବରଂ ସାରା ବର୍ଷକୁ ହିସାବକୁ ନେଇଛୁ । ଏହାର କାରଣ ଏହା ଯେ, କିଛି ଖର୍ଚ୍ଚ ପ୍ରତ୍ୟେକ ମାସରେ ନହୋଇ ବର୍ଷର ଶେଷ ଆଡକୁ ହୋଇଥାଏ । ଉଦାହରଣ ସ୍ୱରୂପ ଆମ୍ଭେମାନେ ପ୍ରତ୍ୟେକ ମାସରେ ଖାଦ୍ୟ ଓ ନିତିଦିନିଆ ସାମଗ୍ରୀ ଉପରେ ଖର୍ଚ୍ଚ କରିଥାଉ, କିନ୍ତୁ ଫିସ୍ ଓ ସରକାରଙ୍କୁ ଦେବାକୁ ଥିବା ଖଜଣାର ବାର୍ଷିକ ହିସାବ ହିଁ କରାଯାଇଥାଏ । ତେଣୁ ହିସାବର ସୁବିଧା ପାଇଁ, ରୋଜଗାର ଓ ଖର୍ଚ୍ଚର ବାର୍ଷିକ ହିସାବହିଁ ଗ୍ରହଣ କରାଯାଇଥାଏ ।

## ୧୬.୨ ସଞ୍ଚୟର କିପରି ଉପକାରିତା ଦିଏ

ନିମ୍ନଲିଖିତ ପ୍ରକାରରେ ସଞ୍ଚୟ କାମରେ ଲାଗିଥାଏ ।

(କ) ପୂର୍ବ ଉଦାହରଣକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, X ନାମଧାରୀ ବ୍ୟକ୍ତି ଜଣକ, ବର୍ଷକୁ ପାଞ୍ଚ ହଜାର (ଟ.୫୦୦୦) ଟଙ୍କା ସଞ୍ଚୟ କରୁଛନ୍ତି । ଏହା ସୂଚୀତ ହେଉଛି ଯେ, ସେ ଚଳିତ ବର୍ଷରେ ସେ ପାଞ୍ଚ ହଜାର ଟଙ୍କାରୁ ଅତିରିକ୍ତ ଆୟ ଆରମ୍ଭ କରନ୍ତି ତା ଏପରି ସ୍ଥଳେ ଯଦି ତାଙ୍କର ଆୟ ଏବଂ ବ୍ୟୟକୁ ଆମେ ସ୍ଥିର ବୋଲି ଧରିବା, ତେବେ ତାଙ୍କର ବାର୍ଷିକ ରୋଜଗାରରେ ପାଞ୍ଚ ହଜାର ଟଙ୍କା ବୃଦ୍ଧି ହେଲା । ଏହାର ଅର୍ଥ ହେଲା ଯେ, ସଞ୍ଚୟ ଭବିଷ୍ୟତର ରୋଜଗାରରେ ବୃଦ୍ଧି ଘଟାଇଥାଏ ।

(ଖ) ସଞ୍ଚୟ ଭବିଷ୍ୟତ ପାଇଁ ନିରାପତ୍ତା ଭଳି କାମ କରିଥାଏ । କିପରି ? ଧରିନିଅ X ନାମଧାରୀ ବ୍ୟକ୍ତି ଜଣଙ୍କର ବର୍ଷର ପ୍ରାରମ୍ଭରେ ଦେହ ଖରାପ ହେଲା । ସେଥିପାଇଁ ସେ ଏକ ସପ୍ତାହ ପର୍ଯ୍ୟନ୍ତ କାର୍ଯ୍ୟକ୍ଷେତ୍ରକୁ ଯାଇପାରିଲେ ନାହିଁ । ଏହି ସପ୍ତାହଟି ସେ ଚଳିବେ କିପରି ? କିଛି ଚିନ୍ତା କରିବାର ନାହିଁ । ଏହି କ୍ଷେତ୍ରରେ ସେ ପୂର୍ବ ବର୍ଷର ସଞ୍ଚୟକୁ ଉପଭୋଗ କରି କିଛି ଦିନ ଚଳିପାରିବେ, ଯେତେଦିନ ପର୍ଯ୍ୟନ୍ତ ସେ ଅସୁସ୍ଥତାର ଆରୋଗ୍ୟ ଲାଭ କରି ନିଜ କାର୍ଯ୍ୟକ୍ଷେତ୍ରକୁ ନଯାଇଛନ୍ତି ।

## ପାଠଗତ ପ୍ରଶ୍ନାବଳୀ ୧୬.୧

୧. ସଞ୍ଚୟର ସଂଜ୍ଞା କ'ଣ ?

୨. ଯଦି ଆୟ ଏକ ହଜାର ଟଙ୍କା ଏବଂ ସଞ୍ଚୟ ଦୁଇ ଶହ ଟଙ୍କା ହୁଏ, ତେବେ ବାର୍ଷିକ ଖର୍ଚ୍ଚର ପରିମାଣ କେତେ ହେବ ?

## ୧୬.୩ ତୁମେ ସଞ୍ଚୟକୁ କେଉଁଠି ରଖ ?

ପ୍ରାୟ ପ୍ରତ୍ୟେକ ପରିବାରରେ ୫୦ ପଇସା, ୧ଟଙ୍କା, ୨ଟଙ୍କା ଭଳି ଅଳ୍ପ ମୂଲ୍ୟର ଧାତବ ମୁଦ୍ରା ଓ କାଗଜ ମୁଦ୍ରାକୁ ଛୋଟ ବାକ୍ସରେ ସଞ୍ଚୟ ରଖାଯାଏ । ପରିବାରର ପ୍ରତ୍ୟେକ ସଦସ୍ୟ ଏହି ଛୋଟ ସଞ୍ଚୟ କାର୍ଯ୍ୟ ପାଇଁ ଆନନ୍ଦରେ





ଯୋଗଦାନ କରିଥାଆନ୍ତି । କିଛିଦିନ ପରେ, ଧରିନିଅ ଏକ ମାସେ ବା କିଛି ମାସ ପରେ, ଯେତେବେଳେ ଉକ୍ତ ବାକ୍ସ ଖୋଲାଯାଏ, ସେତେବେଳେ ଉକ୍ତ ପରିବାର ଏକ ଭଲ ପରିମାଣର ମୁଦ୍ରା ଉକ୍ତ ବାକ୍ସରୁ ପାଇଥାଏ, ଯାହାକି କୌଣସି ନୂଆ ଜିନିଷ କିଣିବା ପାଇଁ ଦରକାରରେ ଆସିପାରେ । ବହୁ ପରିବାରରେ ସଞ୍ଚୟ ବାକ୍ସ ରଖିବା ଏକ ପରମ୍ପରା ଭଳି ଚାଲିଆସିଛି ।

ପାରିବାରିକ ସଞ୍ଚୟ ବାକ୍ସ ହେଉଛି ସଞ୍ଚୟ କରିବାର ଏକ ଅଣଆନୁଷ୍ଠାନିକ ମାଧ୍ୟମ । ବଡ଼ ଧରଣର ସଞ୍ଚୟ କରିବା ପାଇଁ ଏହା କାମରେ ଲାଗି ନଥାଏ । ଏହିଭଳି ଭାବେ ସଞ୍ଚୟ, ସୁରକ୍ଷିତ ମଧ୍ୟ ନୁହେଁ, କାରଣ ଚୋରୀର ଭୟ ମଧ୍ୟ ଥାଏ । ସଞ୍ଚୟ ବାକ୍ସ ଖୋଲା ହେବା ପର୍ଯ୍ୟନ୍ତ, ସଞ୍ଚିତ ଅର୍ଥ ଅବ୍ୟବହୃତ ହୋଇ ପଡ଼ି ରହେ । ଯେହେତୁ ଏହା ଏକ ଘରୋଇ ବ୍ୟାପାର, ନିର୍ଦ୍ଦିଷ୍ଟ ପରିବାର ଛଡ଼ା ଅନ୍ୟ କେହି ତାହାକୁ ବ୍ୟବହାର କରିବାର ଅବକାଶ ନଥାଏ । ଶେଷରେ, ଏଭଳି ଉପାୟରେ ସଞ୍ଚୟ କରିବାର ପ୍ରତିବଦଳରେ କୌଣସି ହିତ ହୋଇ ନଥାଏ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମୁଦ୍ରାକୁ ସବୁବେଳେ ଏକ ସୁରକ୍ଷିତ ଜାଗାରେ ରହିବା ଆବଶ୍ୟକ । କାର୍ଯ୍ୟରେ ଲାଗିବା ପାଇଁ ଏହା ଆବଶ୍ୟକ ମଧ୍ୟ । ଏହା ଅବ୍ୟବହୃତ ହୋଇ ପଡ଼ି ରହିବା ଉଚିତ୍ ନୁହେଁ । ଧରିନିଅ, ତୁମ ପାଖରେ ପାଞ୍ଚ ହଜାର ଟଙ୍କାର ସଞ୍ଚୟ ଅଛି । ଯଦି ତୁମେ ଏହାକୁ ବହୁଦିନ ପର୍ଯ୍ୟନ୍ତ କୌଣସି କାମରେ ନଲଗାଅ, ତା'ହେଲେ ଏହା ଏକ ମୃତ କାଠଗଣ୍ଡି ଭଳି ବହୁ ଦିନ ପର୍ଯ୍ୟନ୍ତ ପଡ଼ି ରହିବ । ଏଭଳି ଭାବେ ନା ତୁମେ ତାହାକୁ ନିଜ ପାଇଁ କିଛି ଉପଯୋଗ କରୁଛ ନା ଆଉ କାହାକୁ ଉପଯୋଗ କରିବା ପାଇଁ ସୁଯୋଗ ଦେଉଛ । ଏହିସବୁ ଘଟଣାକୁ ଦୃଷ୍ଟିରେ ରଖି ସମାଜ କେତେଗୁଡ଼ିଏ ସଂସ୍ଥା ସୃଷ୍ଟି କରିଛି, ଯେଉଁଠାରେ କି ତୁମେ ତୁମର ସଞ୍ଚିତ ଅର୍ଥ ରଖିପାରିବ । ଡାକଘର ଓ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ହେଉଛି ଏହିସବୁ ସଂସ୍ଥା ।

## ୧୬.୩.୧ ଡାକଘର ସଞ୍ଚୟ ବ୍ୟାଙ୍କ

ଯେ କୌଣସି ଲୋକ, ତାହାର ବଳକା ଅର୍ଥ ଡାକଘର ସଞ୍ଚୟ ଜମାରେ ରଖିପାରିବ । ପ୍ରାୟ ପ୍ରତ୍ୟେକ ଅଞ୍ଚଳରେ ତୁମେ ଡାକଘରଟିଏ ପାଇପାରିବ । ଯେ କୌଣସି ଲୋକ ପାଇଁ ଏହା ନିକଟରେ ଥାଏ । ଦେଶର ଯେ କୌଣସି ନାଗରିକ, ମାତ୍ର ୫୦ ଟଙ୍କା ଦେଇ ଯେ କୌଣସି ଡାକଘରେ, ନିଜ ନାମରେ ଏକ ସଞ୍ଚୟ ଜମା ଖାତା ଖୋଲିପାରିବ। ବ୍ୟକ୍ତି ଜଣକ ଉକ୍ତ ଜମାଖାତାରେ, ଯେତେଦିନ ପର୍ଯ୍ୟନ୍ତ ଚାହିଁବ, ନିଜର ଅର୍ଥ ରଖିପାରିବ ଏବଂ ସର୍ବନିମ୍ନ ୫୦ ଟଙ୍କାକୁ ବାଦ୍ ଦେଇ, ବଳକା ଟଙ୍କାକୁ ଯେ କୌଣସି ସମୟରେ ଏବଂ ଯେ କୌଣସି ପରିମାଣର ଅର୍ଥ ଉଠାଣ କରିପାରିବ । ଜମାଖାତାଧାରୀଙ୍କର ଟଙ୍କା ଜମା ଓ ଉଠାଣର ହିସାବ ରଖିବା ପାଇଁ ଡାକଘର ତରଫରୁ ଏକ ପାସ୍‌ବହି ଯୋଗାଇ ଦିଆଯାଇଥାଏ । ଜମା କରାଯାଇଥିବା ଅର୍ଥ ଉପରେ, ଡାକଘର ସ୍ୱଳ୍ପ ହାରରେ ସୁଧ ମଧ୍ୟ ଦେଇଥାଏ । ଯଦି କୌଣସି ବ୍ୟକ୍ତି, ଚେକ୍ ବହି ପାଇବା ପାଇଁ ଇଚ୍ଛା ପ୍ରକାଶ କରନ୍ତି, ତେବେ ତାଙ୍କୁ ସର୍ବନିମ୍ନ ୫୦୦ ଟଙ୍କାର ଜମା ତାଙ୍କ ଜମାଖାତାରେ ସର୍ବଦା ରଖିବାକୁ ପଡ଼ିଥାଏ ।

## ୧୬.୩.୨ ବାଣିଜ୍ୟିକ ବ୍ୟାଙ୍କରେ ଜମା ଖାତା

ପୂର୍ବରୁ ଆମେ କହିଛୁ ଯେ, ବାଣିଜ୍ୟିକ ବ୍ୟାଙ୍କମାନେ ଜନସାଧାରଣମାନଙ୍କଠାରୁ ଜମା ଅର୍ଥ ଗ୍ରହଣ କରିଥାଆନ୍ତି । ଜଣେ ବ୍ୟକ୍ତି, ନିଜର ସଞ୍ଚିତ ଅର୍ଥ ଜମା କରିବା ପାଇଁ ବ୍ୟାଙ୍କରେ ଏକ ଜମା ଖାତା ଖୋଲିପାରିବ । ଜମାଖାତା ଖୋଲିବା ପାଇଁ ଏବଂ ଉଠାଣ ପରେ ସର୍ବନିମ୍ନ ଅର୍ଥ କେତେ ହେବା ଉଚିତ୍ ତାହା ବ୍ୟକ୍ତିଟି ଖୋଲିଥିବା ଜମାଖାତାର ବ୍ୟାଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥାଏ । ଡାକଘର ଭଳି ବ୍ୟାଙ୍କ ମଧ୍ୟ ଜମାକାରୀକୁ ଏକ ପାସ୍‌ବହି ଯୋଗାଇ ଦେଇଥାଏ,

ଯେଉଁଥିରେ ପ୍ରତ୍ୟେକଟି ଜମା, ଉଠାଣ ଓ ଅବଶିଷ୍ଟ ଅର୍ଥ ଉଲ୍ଲିଖିତ ହୋଇଥାଏ । ଏକ ବାଣିଜ୍ୟିକ ବ୍ୟାଙ୍କ ଜମାଖାତା ଉପରେ ସ୍ୱଳ୍ପ ହାରରେ ସୁଧ ପ୍ରଦାନ କରିଥାଏ ।

## ୧୬.୪ ସଞ୍ଚୟର ଉପକାରିତା

ସଞ୍ଚୟ ଧାର ଦେବା ଓ ଧାର ନେବା ଏବଂ ଅର୍ଥନୀତିକ ବିକାଶ ଭଳି କାର୍ଯ୍ୟରେ ଲାଗିଥାଏ ।

### (କ) ଧାର ନେଣଦେଣ :

ଏକ ବ୍ୟକ୍ତି, ଯେ ସଞ୍ଚୟ କରେ, ତା ପାଖରେ ଥିବା ବଳକା ଅର୍ଥ ଯୋଗୁଁ ସେ ଋଣଦାତା ହୋଇପାରେ । ସମାଜର ବହୁ ଲୋକ ବିଭିନ୍ନ କାରଣ ଯୋଗୁଁ, ସେମାନେ ରୋଜଗାର କରୁଥିବା ଅର୍ଥଠାରୁ ଅଧିକ ଉପଭୋଗ କରିବାକୁ ଇଚ୍ଛାପ୍ରକାଶ କରିଥାଆନ୍ତି । ଏହିଭଳି ଲୋକମାନେ ସେମାନଙ୍କର ଦରକାର ବେଳେ, ଋଣସୂତ୍ରରେ ଅର୍ଥ ନେଇଥାଆନ୍ତି ଏବଂ ଭବିଷ୍ୟତରେ ଉକ୍ତ ଋଣ ପରିଶୋଧ କରିଥାଆନ୍ତି । ସେମାନଙ୍କୁ ଋଣ କର୍ତ୍ତା କୁହାଯାଏ ।

### (ଖ) ଅର୍ଥ ବ୍ୟବସ୍ଥାର ବିକାଶ :

ଯେତେବେଳେ ବହୁ ଲୋକ, ସେମାନଙ୍କର ସଞ୍ଚିତ ରାଶି, ଡାକଘର ଏବଂ ବ୍ୟାଙ୍କରେ ଜମା କରନ୍ତି, ସେତେବେଳେ ସମାଜର ବ୍ୟବହାର ପାଇଁ ବହୁ ଅର୍ଥର ପ୍ରାପ୍ତି ହୋଇଥାଏ । ଆମେ ଜାଣୁ ଯେ ବୁନ୍ଦା ବୁନ୍ଦା ଜଳ ମିଶି ସମୁଦ୍ର ହୋଇପାରେ । ସେହିପରି ଏକ ବ୍ୟକ୍ତିର ସଞ୍ଚୟ, ତାର ରୋଜଗାର ଏବଂ ଖର୍ଚ୍ଚ ତୁଳନାରେ ବହୁତ କମ୍ । କିନ୍ତୁ ଯେତେବେଳେ ବହୁ ଲୋକ ସଞ୍ଚୟ କରିବା ଆରମ୍ଭ କରନ୍ତି, ସେତେବେଳେ ସେମାନଙ୍କର ସଞ୍ଚିତ ଅର୍ଥସବୁ ମିଶି ଏକ ବଡ଼ ପରିମାଣର ହୋଇଥାଏ । ସମାଜ ପାଇଁ ବହୁ ପରିମାଣ ଅର୍ଥର ଆବଶ୍ୟକତା ହୋଇଥାଏ, ଯାହାକି ରାସ୍ତା, କାର୍ଯ୍ୟାଳୟ, ରେଳ ଷ୍ଟେସନ, ବିଦ୍ୟାଳୟ, ପାର୍କ, ରାସ୍ତାକଡ଼ରେ ବିଜୁଳିବତୀ ଆଦି ନିର୍ମାଣ କାର୍ଯ୍ୟରେ ଲାଗିଥାଏ । ଏହିପରି ଭାବେ, ସାରାଦେଶ ଭବିଷ୍ୟତରେ ଲାଭବାନ୍ ହୋଇଥାଏ । ତେଣୁ ପ୍ରତ୍ୟେକ ଲୋକର ସଞ୍ଚୟ ପରିଶେଷରେ ଦେଶ ଅର୍ଥବ୍ୟବସ୍ଥାର ବିକାଶର କାର୍ଯ୍ୟରେ ଲାଗିଥାଏ ।

## ୧୬.୫ ସଞ୍ଚୟ ପ୍ରତିବଦଳରେ ସୁଧ

ଜଣେ ବ୍ୟକ୍ତି ତାର ସଞ୍ଚୟ ପାଇଁ କିଛି ଅର୍ଥଲାଭ କରିଥାଏ । ସଞ୍ଚୟ ପ୍ରତିବଦଳରେ ମିଳୁଥିବା ଏହି ଅର୍ଥକୁ ସୁଧ କୁହାଯାଏ । ଆମେ ଜାଣୁ ଯେ, ଜଣେ ଲୋକ ଯେ ସଞ୍ଚୟ କରିଥାଏ ଜଣେ ଋଣଦାତା ହୋଇପାରେ ଯେ କି ଋଣ ଗ୍ରହୀତାଙ୍କୁ ଋଣ ଦେଇଥାଏ । ଏହି ସଞ୍ଚିତ ଅର୍ଥର ଉପଯୋଗ ପାଇଁ ଋଣ ଗ୍ରହୀତା କିଛି ଅର୍ଥ ଦେଇଥାଏ, ଯାହାକୁ ସୁଧ କୁହାଯାଏ । ଏହି ସୁଧ ଋଣଗ୍ରହୀତା, ଋଣଦାତାକୁ ଦେଇଥାଏ । ପ୍ରାୟତଃ, ଋଣଗ୍ରହୀତା, ଋଣଦାତାର ଅର୍ଥ (ମୂଳଅର୍ଥ) ସୁଧସହ ଋଣଦାତାକୁ ଭବିଷ୍ୟତର ନିର୍ଦ୍ଧାରିତ ଦିନରେ ନେବାକୁ ହୋଇଥାଏ । ଯେତେବେଳେ ଋଣଗ୍ରହୀତା ଋଣଦାତାଠାରୁ ଅର୍ଥ ନେଇଥାଏ, ସେତେବେଳେ ଆମେ କହୁ ଯେ ଋଣଦାତା ଋଣଗ୍ରହୀତାକୁ ଋଣ ଦେଇଛି । ଏହାର ଅର୍ଥ ଯେ ଯେତେବେଳେ ଋଣଦାତା ତାହାର ସଞ୍ଚିତ ଅର୍ଥ ଋଣଗ୍ରହୀତାକୁ ଦେଇଥାଏ, ତାହା ଋଣରେ ପରିବର୍ତ୍ତିତ ହୋଇଥାଏ । ଏହି ଋଣ ପରିମାଣ ସୁଧସହ ଋଣଗ୍ରହୀତା ଋଣଦାତାକୁ ଭବିଷ୍ୟତରେ ଦେବାକୁ ପଡ଼ିଥାଏ ।

ଉଦାହରଣ : ଧରିନିଅ ସରିତାଦେବୀଙ୍କ ପାଖରେ ୧୦୦୦ ଟଙ୍କାର ସଞ୍ଚୟ ଅଛି । ଆଶିଷ ସେହି ଅର୍ଥକୁ ଧାର ସୂତ୍ରରେ ନେବାକୁ ଚାହୁଁଛନ୍ତି । ଏହି କ୍ଷେତ୍ରରେ ସରିତା ହେଉଛନ୍ତି, ଋଣଦାତା ଏବଂ ଆଶିଷ ହେଉଛନ୍ତି ଋଣଗ୍ରହୀତା ।

ଏହା ସ୍ଥିରୀକୃତ ହେଲା ଯେ ଆଶିଷ ବର୍ଷେ ପରେ, ସେ ନେଇଥିବା ଋଣ ସରିତାଦେବୀଙ୍କୁ ପରିଶୋଧ କରିବେ । ଏହାଛଡ଼ା ଏହା ମଧ୍ୟ ସ୍ଥିରୀକୃତ ହେଲା ଯେ ଆଶିଷଙ୍କୁ ୧୨୦ ଟଙ୍କା ସୁଧ ଆକାରରେ ଦେବାକୁ ହେବ । ତେଣୁ ଆଶିଷ ଏକ ବର୍ଷପରେ, ସରିତାଦେବୀଙ୍କୁ ସର୍ବମୋଟ୍ ୧୧୨୦ ଟଙ୍କା (୧୦୦୦ + ୧୨୦) ଦେଲେ । ଏହିପରି ଭାବରେ, ସରିତାଦେବୀ ତାଙ୍କର ସଞ୍ଚିତ ଅର୍ଥ ଧାର ଦେବା ଫଳରେ ୧୨୦ ଟଙ୍କା ସୁଧ ଆକାରରେ ପାଇଲେ ଏବଂ ସେ ସଞ୍ଚିଥିବା ଅର୍ଥ ମଧ୍ୟ ଏକ ବର୍ଷ ପରେ ଫେରିପାଇଲେ ।

## ୧୬.୫.୧ ସୁଧର ହାର

ବର୍ତ୍ତମାନ ପ୍ରଶ୍ନ ଉଠେ ଯେ, ସରିତାଦେବୀ, ଆଶିଷଙ୍କୁ ଦେଇଥିବା ପ୍ରତ୍ୟେକ ଏକଶହ ଟଙ୍କାରେ କେତେ ଅର୍ଥ ଉପାର୍ଜନ କଲେ ।

ଉତ୍ତର : ସରିତାଦେବୀ ଆଶିଷଙ୍କୁ ଏକହଜାର ଟଙ୍କା ଏକ ବର୍ଷ ପାଇଁ ଧାର ନେଲେ । ଏଥିପାଇଁ ସେ ୧୨୦ ଟଙ୍କା ଲାଭ କଲେ । ତେଣୁ ୧୦୦ ଟଙ୍କା ପିଛା ତାଙ୍କର ଲାଭ ହେଲା, ୧୨୦ × ୧୦୦/୧୦୦୦ = ୧୨ ଟଙ୍କା ଏହି ହିସାବରେ ସରିତାଦେବୀ ୧୦୦ ଟଙ୍କା ପିଛା ୧୨ ଟଙ୍କା ଲାଭ କଲେ । ଏଠାରେ ସୁଧ ହେଉଛି ବର୍ଷକୁ ୧୨% ।

ଯେତେବେଳେ ଆମେ ଏକଶହ ପିଛା ମୂଲ୍ୟ ନିର୍ଦ୍ଧାରଣ କରୁ, ତାହାକୁ ପ୍ରତିଶତ କୁହାଯାଏ । ଏହି କ୍ଷେତ୍ରରେ ଆମେ କହିପାରିବା ଯେ, ସରିତାଦେବୀ ବର୍ଷକୁ ୧୨ ପ୍ରତିଶତ ହିସାବରେ ସୁଧ ଆହରଣ କଲେ । ଏହି ବର୍ଷ ପିଛା ୧୨%କୁ ଆମେ ସୁଧର ହାର କୁହାଯାଏ ଯାହାକି ଋଣଗ୍ରହୀତା (ଆଶିଷ) ଦେଲେ ଏବଂ ଋଣଦାତା (ସରିତା ଦେବୀ) ଗ୍ରହଣ କଲେ । ଏକ ହଜାର ଯଙ୍କା ସର୍ବମୋଟ ଋଣ ଉପରେ ସର୍ବମୋଟ ସୁଧ ହେଉଛି ୧୨୦ ଟଙ୍କା । ଏହି ସର୍ବମୋଟ ଋଣ ପରିମାଣକୁ ମୂଳଧନ ମଧ୍ୟ କୁହାଯାଏ ।

ଋଣଦାତା ଋଣଦେଇଥିବା ପରିମାଣର ୧୦୦ ଟଙ୍କା ପିଛା ଋଣଗ୍ରହୀତାଙ୍କଠାରୁ ଏକ ବର୍ଷ ମଧ୍ୟରେ ଯାହା ଆହରଣ କରେ ତାହାକୁ ସୁଧର ହାର କୁହାଯାଏ ।

## ୧୬.୫.୨

ଯେହେତୁ ଲୋକମାନେ ଡାକଘର ଓ ବ୍ୟାଙ୍କମାନଙ୍କରେ ସେମାନଙ୍କର ସଞ୍ଚୟ ରଖନ୍ତି, ସେମାନେ ସୁଧ ଆହରଣ କରିଥାଆନ୍ତି । ଡାକଘରଗୁଡ଼ିକ ପ୍ରାୟ ୩.୫ ପ୍ରତିଶତ ହିସାବରେ ସୁଧ ପ୍ରଦାନ କରୁଥିବାବେଳେ, ବ୍ୟାଙ୍କଗୁଡ଼ିକ ୪ ପ୍ରତିଶତ ହିସାବରେ ଲୋକଙ୍କୁ ସୁଧ ପ୍ରଦାନ କରିଥାଆନ୍ତି । ସେତେବେଳେ ତୁମେ ତୁମ ସଞ୍ଚୟ ଉପରେ ଡାକଘରୁ ବା ବ୍ୟାଙ୍କରୁ ସୁଧ ଲାଭ କର, ସେତେବେଳେ ତୁମର ଅର୍ଥର ବୃଦ୍ଧି ଘଟେ । ତେଣୁ ଆଜି ଦିନରେ ଅର୍ଥର ସଞ୍ଚୟ ଅର୍ଥ ଆସନ୍ତାକାଲି ପାଇଁ ତାହାର ବୃଦ୍ଧି ହୋଇଥାଏ ।

## ପାଠଗତ ପ୍ରଶ୍ନାବଳୀ ୧୬.୨

୧. ସୁଧର ହାରର ସଂଜ୍ଞା କ'ଣ ?

୨. ଋଣ ଦାତା ଓ ଋଣଗ୍ରହୀତାଙ୍କ ମଧ୍ୟରେ ପ୍ରଭେଦ ଦର୍ଶାଅ ।

୩. ଯଦି ତୁମେ ୨୦୦ ଟଙ୍କା ଋଣ ଦେଇ ମାସକୁ ୨୦ ଟଙ୍କା ସୁଧ ଆହରଣ କର, ତେବେ ସୁଧର ହାର କେତେ ହେବ ?

## ତୁମ ପାଇଁ କାର୍ଯ୍ୟ

ପାଖରେ ଥିବା ଡାକଘରକୁ ଯାଅ ଏବଂ ସଞ୍ଚୟ ଜମାଖାତା କିପରି ଖୋଲାଯାଏ, ପଚାରି ବୁଝ ।

## ୧୬.୬ ବୀମା

ଆମେ ଏକ ଅନିଶ୍ଚିତ ଦୁନିଆରେ ବାସ କରୁଛୁ । ଏହାର ଅର୍ଥ ଯେ, ଭବିଷ୍ୟତରେ କ'ଣ ହେବ, ଆମେ ଜାଣିନାହୁଁ । ବହୁ ଜିନିଷ ଆମ ଆୟତର ବାହାରେ । ନିମ୍ନଲିଖିତ ଉଦାହରଣଗୁଡ଼ିକୁ ନିଆଯାଇପାରେ ।

(କ) ଜଣେ ଚାଷୀ ବହୁ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ପାଇଁ ଏକ ଭଲ ବର୍ଷା ଉପରେ ନିର୍ଭର କରିଥାଏ । କିନ୍ତୁ ଚାଷୀଟିର ବର୍ଷା ଉପରେ ଆୟତ୍ତ ନଥାଏ । ଯଦି ଭଲ ବର୍ଷା ହୁଏ, ତେବେ ତା'ର ଫସଲ ଭଲ ହୁଏ । କିନ୍ତୁ ଯଦି ବର୍ଷା ହୁଏ ନାହିଁ, ତେବେ ମରୁଡ଼ି ହୋଇଥାଏ ଏବଂ ଚାଷୀଟି ବହୁ କ୍ଷତିର ସମ୍ମୁଖୀନ ହୋଇଥାଏ ।

(ଖ) ଲୋକମାନେ ନିଜ ନିଜର ଘରେ ରହନ୍ତି । କିନ୍ତୁ ଅଗ୍ନିକାଣ୍ଡ, ଚୋରୀଭଳି କେତେକ ଅପ୍ରତ୍ୟାଶିତ ଘଟଣା ଉପରେ ସେମାନଙ୍କର ଆୟତ୍ତ ନଥାଏ, ଯାହାଦ୍ୱାରା କି ସେମାନଙ୍କର ବହୁ ଧନହାନି ଘଟିଥାଏ ।

(ଗ) ଆଜିକାଲି ବହୁ ଲୋକମାନଙ୍କ ପାଖରେ ଦୁଇଚକିଆ ଓ କାର୍ ଭଳି ଯାନବାହନ ଅଛି । ଗାଡ଼ିଗୁଡ଼ିକର ସଂଖ୍ୟା ବଢ଼ିବା ସଙ୍ଗେ ସଙ୍ଗେ ସେଗୁଡ଼ିକର ଚୋରୀ ଏବଂ ରାସ୍ତା ଦୁର୍ଘଟଣା ମଧ୍ୟ ବୃଦ୍ଧି ପାଇଛି । କେହି ମଧ୍ୟ ଦୁର୍ଘଟଣାଗୁଡ଼ିକର ପୂର୍ବାନୁମାନ କରିପାରିବେ ନାହିଁ ଯାହାକି ବହୁ ଧନଜୀବନ ନଷ୍ଟ କରିଥାଏ ।

(ଘ) ଆମେ ସମସ୍ତେ ଅସୁସ୍ଥ ହେଉ ଏବଂ ଚିକିତ୍ସାରେ ଖର୍ଚ୍ଚ କରିଥାଉ । କେହି ପୂର୍ବାନୁମାନ କରିପାରିବେ ନାହିଁ ଅସୁସ୍ଥତା କେତେବେଳେ ଆସିବ । ଅସୁସ୍ଥତା ଯୋଗୁଁ ଆମେ କାମ କରିପାରିବା ନାହିଁ । ଏଥିପାଇଁ ଆମେ ଆମର ଅସୁସ୍ଥତାର ସମୟ ପାଇଁ ରୋଜଗାର ମଧ୍ୟ ହରାଇପାରୁ ।

ଏହିଭଳି ଭାବରେ ଅନିଶ୍ଚିତତାର ବହୁ ଉଦାହରଣ ଦିଆଯାଇପାରେ । ମଜାର କଥା ଏହା ଯେ, କୌଣସି ଏକ ଲଟେରୀ ଜିତିବା ମଧ୍ୟ ଅନିଶ୍ଚିତତା । ଏହା ଏକ ଅପ୍ରତ୍ୟାଶିତ ଲାଭ । ତଥାପି ରୋଜଗାରରେ କ୍ଷତି ବା ଧନସମ୍ପତ୍ତିର ହାନି ଯାହାକି ଅନିଶ୍ଚିତତା ମଧ୍ୟରେ ଘଟିଥାଏ ନିଶ୍ଚିତ ଭାବରେ ଚିନ୍ତାର ବିଷୟ । ଅନିଶ୍ଚିତତା ଯୋଗୁଁ ଆମର ବହୁ କ୍ଷତି ବା ନଷ୍ଟ ହୋଇଥାଏ । ଯଦିଓ ଆମେ କିଛି ସତର୍କତାମୂଳକ ପଦକ୍ଷେପ ନେଇପାରିବା, ତଥାପି ସେସବୁ ସମ୍ପୂର୍ଣ୍ଣ ଭାବରେ ଏଡ଼େଇଦେଇ ପାରିବା ନାହିଁ ।

ଯେ କୌଣସି ଲୋକ ଉପରୋକ୍ତ କାରଣଗୁଡ଼ିକ ଦ୍ୱାରା କ୍ଷତିର ସମ୍ମୁଖୀନ ହୁଏ, ସେ ତା'ର କ୍ଷତି ବା ନଷ୍ଟର ସମ୍ପୂର୍ଣ୍ଣ ବା ଆଂଶିକ ଭରଣା ଅର୍ଥ ଆକାରରେ ହେବା ପାଇଁ ନିହାତି ଭାବେ ଇଚ୍ଛାପ୍ରକାଶ କରିବ । ବୀମା କୌଣସି ବ୍ୟକ୍ତିର କ୍ଷତି /ନଷ୍ଟକୁ କିଛିଟା ଭରଣା କରିଥାଏ ।

ବୀମା ହେଉଛି ଏକ ଦ୍ରବ୍ୟର ସମତୁଲ୍ୟ । ଯେ କୌଣସି ଲୋକ, ଯେ ଭାବିବ ଯେ ତା'ର ଜିନିଷପତ୍ର ପ୍ରତି ବିପଦର ସମ୍ଭାବନା ଅଛି, ସେ କିଛି ଅର୍ଥ ଦେଇ ବୀମା କରିପାରିବ । ଯେ ବୀମା ବିକ୍ରୟ କରିଥାଏ ତାହାକୁ ବୀମାଦାତା କୁହାଯିବା ସ୍ଥଳେ, ଯେ ବୀମା ଗ୍ରହଣ କରିଥାଏ ତାହାକୁ ବୀମାଭୁକ୍ତ କୁହାଯାଏ । ବୀମାଭୁକ୍ତ ବ୍ୟକ୍ତିଦ୍ୱାରା

ଦିଆଯାଉଥିବା ଅର୍ଥକୁ ପ୍ରିମିୟମ କୁହାଯାଏ । ପ୍ରାୟତଃ କିଛି ନିର୍ଦ୍ଦିଷ୍ଟ ବର୍ଷପାଇଁ ପ୍ରିମିୟମ ଦେବାକୁ ହୋଇଥାଏ । ଏହି ସମୟ ମଧ୍ୟରେ ଯଦି କୌଣସି କ୍ଷତି ଘଟେ, ତେବେ ବୀମାଭୁକ୍ତ ବ୍ୟକ୍ତି, ବୀମାଦାତାଙ୍କଠାରୁ ଉଚିତ୍ ଭରଣା ପାଇଥାଏ ।

## ବୀମାର ସଂଜ୍ଞା

ବୀମା ହେଉଛି ଏକ ଆର୍ଥିକ ଉତ୍ପାଦ, ଯାହାକି ବୀମାଭୁକ୍ତ ବ୍ୟକ୍ତି ଆୟତ୍ତ ବାହାରେ ଘଟଣା ଦ୍ୱାରା ହେଉଥିବା କ୍ଷତିର ଆଂଶିକ ବା ସମ୍ପୂର୍ଣ୍ଣ ଭରଣା ପାଇଁ କ୍ରୟ କରାଯାଇଥାଏ ।

ପ୍ରାୟତଃ ବୀମାକମ୍ପାନୀମାନେ ବୀମା ବିକ୍ରୟ କରିଥାଆନ୍ତି । ଯେତେବେଳେ ବୀମାଭୁକ୍ତ ବ୍ୟକ୍ତି କିଛି କ୍ଷତିର ସମ୍ମୁଖୀନ ହୁଏ, ସେତେବେଳେ ବୀମା କମ୍ପାନୀ ସେହି କ୍ଷତିର ଭରଣା ପାଇଁ କିଛି ଅର୍ଥ ଦେଇଥାଏ । ଏହାକୁ ବୀମା ଦାବି ବୋଲି କୁହାଯାଏ । ଏହାଦ୍ୱାରା ବୀମା, ଅନିଶ୍ଚିତତା ଦ୍ୱାରା ହେଉଥିବା ବିପଦକୁ କମ୍ କରିଥାଏ ।

## ପାଠଗତ ପ୍ରଶ୍ନାବଳୀ ୧୬.୩

୧. ବୀମାଦାତା ଓ ବୀମାଭୁକ୍ତ ମଧ୍ୟରେ ପ୍ରଭେଦ ଦର୍ଶାଅ ।

୨. ଅନିଶ୍ଚିତତାର ଦୁଇଟି ଉଦାହରଣ ଦିଅ ।

୩. ବୀମା ଏକ ଉତ୍ପାଦ କି ?

## ୧୬.୭ କିଛି ବଚ୍ଛା ବୀମା ଉତ୍ପାଦ

ଚାଲ ନିମ୍ନଲିଖିତ କିଛି ମୀମା ଉତ୍ପାଦ ଉପରେ ସଂକ୍ଷେପରେ ଆଲୋଚନା କରିବା ।

(କ) ଯାନବାହନ ବୀମା

(ଖ) ସ୍ୱାସ୍ଥ୍ୟ ବୀମା

(ଗ) ଜୀବନ ବୀମା

### (କ) ଯାନବାହନ ବୀମା

ଯେଉଁ ଲୋକମାନଙ୍କ ପାଖରେ ସ୍କୁଟର, ମୋଟରସାଇକେଲ, କାର୍ ଆଦି ଅଛି, ସେମାନେ ବୀମା କମ୍ପାନୀଠାରୁ ଯାନବାହନ ବୀମା କିଣିପାରିବେ । ଯେହେତୁ ଯାନବାହନଗୁଡ଼ିକ ବହୁକାଳ ସ୍ଥାୟୀ ଏବଂ ପ୍ରାୟ ସେଗୁଡ଼ିକର ଜୀବନକାଳ ୧୦ରୁ ୧୫ ବର୍ଷ ପର୍ଯ୍ୟନ୍ତ ହୋଇଥାଏ, ବୀମାର ନୀତି ନିମ୍ନପ୍ରକାରେ କରାଯାଇଥାଏ ।

୧. ପ୍ରଥମ ବର୍ଷ ଗାଡ଼ିଟି ନୂଆ ଥାଏ । ତେଣୁ ବୀମାକମ୍ପାନୀ ବୀମାଭୁକ୍ତ ବ୍ୟକ୍ତିଠାରୁ ଅଧିକ ପ୍ରିମିୟମ ଦାବୀ କରିଥାଏ ।

୨. ପରବର୍ତ୍ତୀ ବର୍ଷଗୁଡ଼ିକରେ, ଯେତେବେଳେ ଗାଡ଼ିଟି ପୁରୁଣା ହେବାକୁ ଲାଗେ ଏବଂଏହାର ମୂଲ୍ୟ ଆସ୍ତେ ଆସ୍ତେ କମିବାକୁ ଲାଗେ, ସେତେବେଳେ ବୀମା କମ୍ପାନୀ କମ୍ ପରିମାଣ ପ୍ରିମିୟମ୍ ବୀମାଭୁକ୍ତ ବ୍ୟକ୍ତିଠାରୁ ଦାବୀ କରିଥାଏ ।

୩. ଯେତେବେଳେ ଉକ୍ତ ଗାଡ଼ିର କୌଣସି କ୍ଷତି ହୋଇଥାଏ, ସେତେବେଳେ ବୀମାନୀତିର ସର୍ତ୍ତାବଳୀ ବା ନିୟମାନୁଯାୟୀ ହିସାବ କରାଯାଇଥିବା ବୀମାରାଶି ବୀମା କମ୍ପାନୀ ପ୍ରଦାନ କରିଥାଏ ।

## (ଖ) ସ୍ୱାସ୍ଥ୍ୟ ବୀମା

ସ୍ୱାସ୍ଥ୍ୟବୀମା ଯୋଜନା ଅନୁସାରେ, ଏହି ବୀମା କିଣିଥିବା ବ୍ୟକ୍ତି ଜଣକ, ତା'ର ଚିକିତ୍ସାରେ ଖର୍ଚ୍ଚ କରିଥିବା ଅର୍ଥ ପରିମାଣର କିଛି ଅଂଶ ଫେରି ପାଇଥାଏ । ଏହି କ୍ଷେତ୍ରରେ ମଧ୍ୟ ବୀମାଧାରୀ ବ୍ୟକ୍ତିକୁ ପ୍ରତିବର୍ଷ କିଛି ଅର୍ଥ ପ୍ରିମିୟମ ଆକାରରେ ବୀମା କମ୍ପାନୀକୁ ଦେବାକୁ ହୋଇଥାଏ । ଯେତେବେଳେ ବୀମାଭୁକ୍ତ ବ୍ୟକ୍ତିଜଣକ ଅସୁସ୍ଥ ହୁଏ ଏବଂ ଚିକିତ୍ସାରେ ଅର୍ଥଖର୍ଚ୍ଚ କରେ । ବୀମା କମ୍ପାନୀ ତାର ବ୍ୟୟଭାର କମାଇବା ପାଇଁ କିଛି ପରିମାଣର ଅର୍ଥ ଦେଇଥାଏ । ସାଧାରଣତଃ ଏହି କ୍ଷେତ୍ରରେ ଯଦି ଜଣେ ଲୋକ ଯୁବାବସ୍ଥାରେ ସ୍ୱାସ୍ଥ୍ୟ ବୀମା କିଣିଥାଏ ତେବେ ପ୍ରିମିୟମର ପରିମାଣ ପ୍ରାୟତଃ କମ୍ ହୋଇଥାଏ । ବ୍ୟକ୍ତିଜଣଙ୍କର ବୟସ ବଢ଼ିବା ସହିତ, ପ୍ରିମିୟମର ପରିମାଣ ମଧ୍ୟ ଅଧିକ ହୋଇଥାଏ ।

## (ଗ) ଜୀବନ ବୀମା

ଜଣେ ବ୍ୟକ୍ତି କିଛି ନିର୍ଦ୍ଦିଷ୍ଟ ସମୟ ପାଇଁ ଜୀବନ ବୀମା କିଣିପାରିବ । ଏହି ସମୟ ୧୦ ବା ୨୫ ବର୍ଷ ହୋଇପାରେ । ପ୍ରତିବର୍ଷ ବୀମାଧାରୀ ବ୍ୟକ୍ତି ନିର୍ଦ୍ଦିଷ୍ଟ ପରିମାଣର ପ୍ରିମିୟମ ବୀମାକମ୍ପାନୀକୁ ଦେବାକୁ ହୋଇଥାଏ । ଉକ୍ତ କମ୍ପାନୀ ଉକ୍ତ ସମୟ ଅତିବାହିତ ହୋଇଯିବା ପରେ ବୀମାରାଶି ଉକ୍ତ ବ୍ୟକ୍ତିକୁ ଫେରସ୍ତ ଦେଇଥାଏ । ବୀମା କମ୍ପାନୀ ଉକ୍ତ ରାଶିକୁ ବାର୍ଷିକ କିସ୍ତି ଆକାରରେ ମଧ୍ୟ ଦେଇପାରେ । ଯଦି ବୀମାଧାରୀ ବ୍ୟକ୍ତି ଉକ୍ତ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ମୃତ୍ୟୁବରଣ କରେ, ତେବେ ବୀମାରାଶି ବୀମାଧାରୀ ବ୍ୟକ୍ତିଙ୍କୁ ବୀମା କ୍ରୟ କରିବା ସମୟରେ ଚୟନ କରିଥିବା, ଉତ୍ତରାଧିକାରୀଙ୍କୁ ପ୍ରଦାନ କରାଯାଇଥାଏ ।

## ତୁମେ କ'ଣ ଶିଖିଲ ?

- ଉପଭୋଗ କଳାପରେ ବଳକା ଥିବା ରୋଜଗାରର ଅଂଶକୁ ସଞ୍ଚୟ କୁହାଯାଏ ।
- ଲୋକମାନେ ଭବିଷ୍ୟତର ନିରାପତ୍ତା ପାଇଁ ଏବଂ ସଞ୍ଚିତ ଅର୍ଥ ଉପରେ ସୁଧ ଲାଭ ପାଇଁ ସଞ୍ଚୟ କରିଥାଆନ୍ତି ।
- ଋଣଦାତା ହେଉଛନ୍ତି ସେହି ବ୍ୟକ୍ତି, ଯେ କି ସଞ୍ଚୟ କରିଥାଆନ୍ତି, ଏବଂ ତାହାକୁ ଋଣଗ୍ରହୀତାକୁ ନିର୍ଦ୍ଦିଷ୍ଟ କିଛି ସୁଧ ହାରରେ ଋଣ ଦେଇଥାଆନ୍ତି ।
- ଋଣଗ୍ରହୀତା ହେଉଛନ୍ତି, ସେହି ବ୍ୟକ୍ତି, ଯେ କି ସୁଧ ଦେଇ ଋଣ ଆଣିଥାଆନ୍ତି ।
- ଲୋକମାନେ ସେମାନଙ୍କର ସଞ୍ଚୟ ଡାକଘରେ ଏବଂ ବ୍ୟାଙ୍କରେ ରଖିଥାଆନ୍ତି ।

- ବୀମା ହେଉଛି ଏକ ଉତ୍ପାଦ, ଯାହାକୁ ଲୋକମାନେ ସେମାନଙ୍କର ଜୀବନ, ସ୍ୱାସ୍ଥ୍ୟ ଏବଂ ଯାନବାହାନର କ୍ଷତି ବା ନଷ୍ଟ ଦ୍ୱାରା ହେବାକୁ ଥିବା ବିପଦକୁ କମ୍ କରିବା ପାଇଁ କିଣିଥାଆନ୍ତି ।

ଟିପ୍ପଣୀ

## ଅନ୍ତିମ ପ୍ରଶ୍ନାବଳୀ

୧. ସଞ୍ଚୟର ସଂଜ୍ଞା ଦିଅ । ଏହାର ଦୁଇଟି ଉପକାରିତାର ଉଦାହରଣ ଦିଅ ।

୨. ସଞ୍ଚୟ କିପରି ଭାବେ ହିସାବ କରାଯାଏ ? ଲୋକମାନେ କାହିକି ସଞ୍ଚୟ କରିଥାଆନ୍ତି ?

୩. ଡାକଘର ସଞ୍ଚୟ ଜମା ଉପରେ ଏକ ସଂକ୍ଷିପ୍ତ ଟିପ୍ପଣୀ ଦିଅ ।

୪. ଲୋକମାନେ ବୀମା କାହିଁକି କିଣିଥାଆନ୍ତି ।

୫. ଯାନବାହାନ ବୀମା କ'ଣ ବୁଝାଇ ଲେଖ ।

୬. ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ମଧ୍ୟରେ ପ୍ରଭେଦ ଦର୍ଶାଅ ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୬.୧** ୧. ଉପଭୋଗ ପରେ ଆୟର ବଳକା ଅଂଶକୁ ସଞ୍ଚୟ କୁହାଯାଏ ।

୨. ୮୦୦

**୬.୨** ୧. ଋଣଦାତା ଏକ ବର୍ଷ ଦେଇଥିବା ଋଣ ପ୍ରତି ୧୦୦ ଟଙ୍କା ବ୍ୟବହାର ପାଇଁ ଯାହା ଋଣଗ୍ରହୀତାକୁ ଦେବାକୁ ହୋଇଥାଏ ତାହାକୁ ସୁଧର ହାର କୁହାଯାଏ ।

୨. ଋଣଦାତା : ବ୍ୟକ୍ତି ବା ସଂସ୍ଥା ଯେ ଋଣ ଆକାରରେ ଅର୍ଥ ଦେଇଥାଆନ୍ତି ।

ଋଣଗ୍ରହୀତା : ବ୍ୟକ୍ତି ବା ସଂସ୍ଥା ଯେ ଋଣଦାତାଙ୍କଠାରୁ ଋଣ ଆକାରରେ ଅର୍ଥ ନେଇଥାଆନ୍ତି ।

୩. ୧୨୦ ପ୍ରତିଶତ

**୬.୩** ୧. ବୀମାର ବିକ୍ରେତାକୁ ବୀମାଦାତା କୁହାଯାଏ ।

ବୀମାର କ୍ରେତାକୁ ବୀମାଭୁକ୍ତ କୁହାଯାଏ ।

୨. ମରୁଡ଼ି, ଅସୁସ୍ଥତା

୩. ହଁ